ବର୍ଷ-୨୫, ସଂଖ୍ୟା-୩୧୫
ଭୁବନେଶ୍ୱର
୨୭, ନଭେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 315
Bhubaneswar
27, November, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଖୁବଶୀଘ୍ର
ହେବ
ବିଭାଘର



# ୨୫ ବର୍ଷ ପରେ ଫେରିଲା ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ଅହମ୍ମଦାବାଦରେ ହେବ ଆୟୋଜନ, ପାଳନ ହେବ ୧୦୦ ବର୍ଷ

ନୂଆଦିଲ୍ଲୀ, ୨୬।୧୧ : ଭାରତୀୟ କ୍ରୀଡ଼ା ଜଗତ ଏବଂ କ୍ରୀଡ଼ା ପ୍ରେମୀଙ୍କ ପାଇଁ ଆସିଛି ଖୁସି ଖବର ଭାରତ ମାଟିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବା କମଲେଥ୍ ଗେମର ପାଳନ ହେବ ୧୦୦ ବର୍ଷ ପୂର୍ତ୍ତି ଦୀର୍ଘ ୨୫ ବର୍ଷର ବ୍ୟବଧାନ ପରେ ଭାରତକୁ ଫେରିଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆସନ୍ତା ୨୦୩୦ରେ ଗୁଜରାଟର ଅହମ୍ମଦାବାଦ ସହର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଅନୁମତି ପାଇଛି ବୁଧବାର ସ୍କଟଲ୍ୟାଣ୍ଡରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ କମନଲେଥ୍ ସ୍ପୋର୍ଟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହା ଆଗାମୀ ୨୦୩୬ ଅଲିମ୍ପିକ୍ ଆୟୋଜନ ପାଇଁ ଏକ ବଡ଼ ପ୍ରେରଣା ଦେବ ବୋଲି ଆଶା କରାଯାଉଛି ।୨୦୧୦ରେ ଶେଷ ଥର ପାଇଁ ଦିଲ୍ଲୀରେ ଏହାକୁ ଆୟୋଜନ କରାଯାଇଥିଲା ।

ଗ୍ଲାସଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡା ସାଧାରଣ ପରିଷଦରେ ୭୪ଟି ରାଜ୍ୟଗୋଷ୍ଠୀ ସଦସ୍ୟ ରାଷ୍ଟ୍ର ଏବଂ ଅଞ୍ଚଳର ପ୍ରତିନିଧିମାନେ ଭାରତର ଦାବିକୁ ଅନୁମୋଦନ କରିଛନ୍ତି । ଅହମ୍ମଦାବାଦକୁ ଆନୁଷ୍ଠାନିକ ଭାବରେ ୨୦୩୦ ରାଜ୍ୟଗୋଷ୍ଠୀ। କ୍ରୀଡାର ଆୟୋଜକ ସହର ଭାବରେ ନାମିତ କରାଯାଇଛି ।ଯାହା ନାଇଜେରିଆର ଆବୁଜାକୁ ପଛରେ ପକାଇ ଦେଇଥିଲା ।ଭାରତ ପକ୍ଷରୁ କ୍ରୀଡ଼ା ଯୁଗ୍ମ ସଚିବ କୁନାଲ କେ., ଭାରତୀୟ ଅଲମ୍ପିକ ଆସୋସିଏସନର ଅଧକ୍ଷା ପିଟି ଉଷା, ସିଇଓ ରଘୁରାମ ଆୟର ଏବଂ ଗୁଜରାଟ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ହର୍ଷ ସାଙ୍ଘବୀ ପ୍ରତିନିଧି କରିଥିଲେ ଅହମ୍ମଦାବାଦକୁ ଆୟୋଜକ ଭାବରେ ଘୋଷଣା କରିବାର କିଛି ମୁହୂର୍ତ୍ତ ପରେ ପ୍ରଦର୍ଶିତ ଗୁଜରାଟର



ପାରମ୍ପାରିକ ନୃତ୍ୟ ଗରବା ୨୦ ଜଣ ଗରବା ନୃତ୍ୟଶିଳ୍ପୀ ଏବଂ ୩୦ ଜଣ ଭାରତୀୟ ଢୋଲ ବାଦକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।।

ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୩୦ରେ ୧୫-୧୭ଟି ବିଭାଗର କ୍ରୀଡା ସ୍ଥାନ ପାଇବ । ଗ୍ଲାସଗୋରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ କ୍ରୀଡାରେ ୧୦ ଟି କ୍ରୀଡା ସ୍ଥାନ ପାଇବ ଉଭୟ ସାଧାରଣ ବର୍ଗ ଏବଂ ପାରା-ବର୍ଗରେ କ୍ରୀଡ଼ା ଆୟୋଜନ କରାଯିବ । ସ୍ଥାନ ପାଇଥିବା ଖେଳ ମଧ୍ୟରେ ରହିଛି ଦୌଡ଼କୁଦ, ସନ୍ତରଣ, ଟେବୁଲ୍ ଟେନିସ୍, ବାଉଲ୍ସ, ଭାରୋତ୍ତଳନ, ଜିମ୍ନାଷ୍ଟିକ୍, ନେଟ୍ ବଲ୍ ଏବଂ ବକ୍ସିଂ ସେହିପରି ଅନ୍ୟ କ୍ରୀଡ଼ା ଯେପରିକି ତୀରନ୍ଦାଜ, ବ୍ୟାଡ଼ମିଣ୍ଟନ୍, ବାସ୍କେଟ୍ ବଲ୍, ହ୍ୱିଲ୍ ଚେୟାର ବାସ୍କେଟ୍ ବଲ୍, ବିଚ୍ ଭଲିବଲ୍, ଟି-୨୦ କ୍ରିକେଟ୍, ସାଇକ୍ଲିଂ, ଡାଇଭିଂ, ହକି, ଜୁଡ଼ୋ, ରିଦିମିକ୍ ଜିମ୍ନାଷ୍ଟିକ୍, ରଗବୀ, ସୁଟିଂ, ସ୍କାସ୍ ଏବଂ ମୁଷ୍ଟି ଯୋଦ୍ଧାକୁ ସାମିଲ କରାଯିବାକୁ ବିଚାର କରାଯାଉଛି । ଆସନ୍ତା ମାସରେ ଖେଳ କାର୍ଯ୍ୟକ୍ରମକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ । ଆସନ୍ତା ବର୍ଷରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇବ ।ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦ୍ୱାରା ଦେଖାଯାଇଥିବା ବିଶ୍ୱାସ ପାଇଁ ଆମେ ଗଭୀର ଭାବରେ ସମ୍ମାନିତ ୨୦୩୦ କ୍ରୀଡ଼ା କେବଳ କମନଲେଥ ଆନ୍ଦୋଳନର ଶହେ ବର୍ଷ ପାଳନ କରିବ ନାହିଁ ବରଂ ପରବର୍ତ୍ତୀ ଶତାବ୍ଦୀର ମୂଳଦୁଆ । ମଧ୍ୟ ସ୍ଥାପନ କରିବ ଏହା ଖେଳାଳି, ସମ୍ପ୍ରଦାୟ ଏବଂ ସଂସ୍କୃତିକୁ ବନ୍ଧୁତା ଏବଂ ପ୍ରଗତି ଭାବନାରେ ଏକତ୍ରିତ କରିବ ବୋଲି କହିଛନ୍ତି ପିଟି ଉଷା ।

ପୂର୍ବରୁ ଅହମ୍ମଦାବାଦ ସହର ଅନେକ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାକୁ ସଫଳତାର ସହିତ ଆୟୋଜନ କରିଛି । ଏସିଆନ୍ ଭାରୋତ୍ତଳନ ଚାମ୍ପିଅନସିପ୍, ଏସିଆ। ପାରା-ତୀରନ୍ଦାଜୀ କପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଭାରୋତ୍ତଳନ ଚାମ୍ପିଅନସିପ୍, ଏସିଆନ୍ ଆକ୍ୱାଟିକ୍ ଚାମ୍ପିଅନସିପ୍ ଏବଂ ଏଏଫସି ଅଣ୍ଡର୍-୧୭ ଫୁଟବଲ୍ ଏସିଆ। କପ୍ ଆୟୋଜନ କରିଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ସ୍ପୋର୍ଟ୍ସ ଏନକ୍ଲେଭ୍ ଏବଂ ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମ୍ ପ୍ରତିଯୋଗିତାର ସ୍ଥାନ ରହିଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ସ୍ପୋର୍ଟ୍ସ ଏନକ୍ଲେଭ୍ ବର୍ତ୍ତମାନ ନିର୍ମାଣାଧୀନ ରହିଛି । ଯେଉଁଥିରେ ପ୍ରାୟ ୩୦୦୦ ଦର୍ଶକଙ୍କ ବସିବାର କ୍ଷମତା ରହିଛି ।୨୦୧୦ରେ ଶେଷ ଥର ପାଇଁ ଦିଲ୍ଲୀର ମେଜର୍ ଧ୍ୟାନଚାନ୍ଦ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରାଯାଇଥିଲା ୧୯୩୦ରେ ପ୍ରଥମ ଥର ପାଇଁ କାନାଡ଼ାର ହାମିଲଟନ୍ ସହରରେ ଏହି କ୍ରୀଡ଼ାର ଶୁଭାରମ୍ଭ ହୋଇଥିଲା ୨୦୩୦ରେ ଏହା ଶହେ ବର୍ଷ ପୂରଣ କରିବାକୁ ଯାଉଛି ।

## ଆଜି ବିଧାନସଭାରେ ଅଭିଭାଷଣ ରଖିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ । ବିଧାନସଭାରେ ଅଭିଭାଷଣ ରଖିବା ପରେ ୧୧ ନମ୍ବର ରୁମକୁ ଆସି ସମୟ ବିତାଇବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୨୦୦୦ ରୁ ୨୦୦୪ ପରିବହନ ମନ୍ତ୍ରୀ ଥିବା ବେଳେ ଏହି ଚାମ୍ବର ଥିଲା ତାଙ୍କ କାର୍ଯ୍ୟାଳୟ । ତେଣୁ ବିଧାନସଭାରୁ ସ୍ମୃତି ସାଉଁଟିବା ବେଳେ ଏହି ଚାମ୍ବରରେ କିଛି ସମୟ ବିତେଇବେ ରାଷ୍ଟ୍ରପତି । ସେଥିପାଇଁ ବିଧାନସଭା ସମେତ ଏହି ଚାମ୍ବରକୁ ବି ସଜାଯାଇଛି । ପାଖାପାଖି ଘଣ୍ଟାଏ ଧରି ଗୃହକୁ ସମ୍ବୋଧନ କରିବେ ମହାମହିମ ।ପ୍ରଥମ ଥର ବିଧାନସଭାରୁ ରାଷ୍ଟ୍ରପତି କଣ ବାର୍ତ୍ତା ଦେବେ ତାକୁ ନେଇ ଉତ୍କଣ୍ଠା । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ବିଧାନସଭାକୁ କଡ଼ା ସୁରକ୍ଷା ବଳୟ ଭିତରେ ରଖାଯାଇଛି । ୩୩ ପ୍ଲାଟୁନ୍ ପୁଲିସ ଫୋର୍ସ, ଷ୍ଟ୍ରାଇକିଂ ଫୋର୍ସ ବୋମା ନିଷ୍କ୍ରିୟକାରୀ ଦଳ ସଜାଗ ରହିଛନ୍ତି । ଭୁବନେଶ୍ୱର ବିମାନର ବନ୍ଦରରୁ ରାଜଭବନ ଏବଂ ରାଜଭବନରୁ ବିଧାନସଭା ପର୍ଯ୍ୟନ୍ତ କାରେକେଡ୍ ରିହରସାଲ କରାଯାଇଛି ।

ବିଧାନସଭାର ଚଳିତ ଶୀତ ଅଧିବେଶନ ବେଶ ଗୁରୁତ୍ୱ ବହନ କରୁଛି । ମାସାଧିକ ସମୟ ଧରି ଚାଲିବାକୁ ଥିବା ଗୃହକାର୍ଯ୍ୟ ସୁରୁଖୁରରେ ଚାଲିବ କି ନାହିଁ ତାହା ସବୁଠୁ ବଡ଼ ପ୍ରଶ୍ନ । କାରଣ ବିରୋଧୀଙ୍କ ପାଖରେ ସରକାରଙ୍କୁ ଅକଳରେ ପକାଇବାକୁ ଏକାଧିକ ପ୍ରସଙ୍ଗ ରହିଛି । ଅନ୍ୟପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କୁ ସାମ୍ନା କରିବାକୁ ପୁରା ତୟାର । ଏସବୁ ଭିତରେ ଗୃହକାର୍ଯ୍ୟ ଚଳାଇବା ବାଚସ୍ପତିଙ୍କ ପାଇଁ ବଡ଼ ପରୀକ୍ଷା ।ଏଥର ମାସେ ଯାଏଁ ବିଧାନସଭାର ଶୀତକାଳୀନ ଅଧିବେଶନ ।ରାଜ୍ୟର ଅନେକ ବଡ ବଡ ପ୍ରସଙ୍ଗ ଯେମିତିକି ଏସ୍ଆଇ ପରୀକ୍ଷା କେଳେଙ୍କାରୀ, ଚାଷୀ ସମସ୍ୟା, ଆଇନଶୃଙ୍ଖଳା, ବାଲି ମାଫିଆଙ୍କ ଦାଦାଗିରି ଘଟଣା ରହିଛି ।

## ତାଳଚେର ବିଜେଡିକୁ ଝଟ୍କା

**ଭୁବନେଶ୍ୱର, ୨୬।୧୧ (ମହାଭାରତ):** ତାଳଚେରରେ ଭୁଶୁଡ଼ିଲା ବିଜେଡି ଗଡ଼ । ବିଜେଡି ଛାଡ଼ିଲେ ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୂତିଆଙ୍କ ସମେତ ୧୩ ଜଣ କାଉନସିଲର । ନଗରପାଳଙ୍କ ସମେତ ୧୩ ଜଣ କାଉନସିଲର ବିଜେଡ଼ି ସାଧାରଣ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି । ଆଜି ତାଳଚେର ନଗରପାଳ ପବିତ୍ର ଭୂତିଆଙ୍କ ସମେତ ୧୩ ଜଣ କାଉନସିଲର ଯଥା ତାଳଚେର ପୌରପରିଷଦର ୧ ନମ୍ବର ୱାର୍ଡର କାଉନସିଲର ଆସିଫ ଖାନ, ୨ ନମ୍ବର ୱାର୍ଡର କାଉନସିଲର ଯଶୋବନ୍ତ ମିଶ୍ର, ୩ ନମ୍ବର ାର୍ଡର କାଉନସିଲର ଲିପିକା ବେହେରା, ୫ ନମ୍ବର ୱାର୍ଡର କାଉନସିଲର ସଞ୍ଜିବ କୁମାର ବେହେରା, ୬ ନମ୍ବର ୱାର୍ଡର କାଉନସିଲର ଜିତେନ୍ଦ୍ର ଭୂତିଆ, ୯ ନମ୍ବର ୱାର୍ଡର କାଉନସିଲର ମମତା ରାଉତ, ୧୦ ନମ୍ବର ୱାର୍ଡର କାଉନସିଲର ଅଜିତ କୁମାର ସାହୁ, ୧୧ ନମ୍ବର ୱାର୍ଡର କାଉନସିଲର ନିରୂପମା ପଟ୍ଟନାୟକ ଦଳ ଛାଡ଼ିଛନ୍ତି ।

ସେହିପରି ୧୨ ନମ୍ବର ୱାର୍ଡର କାଉନସିଲର ସଞ୍ଜିବ କୁମାର ଗଡ଼ନାୟକ, ୧୪ ନମ୍ବର ୱାର୍ଡର କାଉନସିଲର ବଳବିନ୍ଦର କୁଅର, ୧୫ ନମ୍ବର ୱାର୍ଡର କାଉନସିଲର ସବିତା ପାଉଲ, ୧୮ ନମ୍ବର ୱାର୍ଡର କାଉନସିଲର ଲିନା ସାହୁ, ୨୦ ନମ୍ବର ୱାର୍ଡର କାଉନସିଲର ଅନିତା ବିଶ୍ୱାଳ ବିଜେଡି ଛାଡ଼ିଛନ୍ତି । ଏମାନେ ତାଳଚେର ବିଧାୟକ ତଥା ଅନୁଗୁଳ ଜିଲ୍ଲା ବିଜେଡ଼ି ସଭାପତି ବ୍ରଜକିଶୋର ପ୍ରଧାନ ଏବଂ ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ମେଲ ଜରିଆରେ ନିଜ ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିବା ଜଣା ପଡ଼ିଛି । ଅପରପକ୍ଷରେ ୧୩ ଜଣ କାଉନସିଲରଙ୍କ ସମେତ ନଗରପାଳ ଆସନ୍ତା ୨୮ ତାରିଖ ଦିନ ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବରେ ବିଜେପିରେ ଯୋଗଦେବେ ବୋଲି ସୂଚନା ମିଳିଛି ।

# ଆଜିର ପିଲାମାନେ ସମୃଦ୍ଧ ଓଡ଼ିଶାର ନିର୍ମାତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧ (ମହାଭାରତ); ସଭ୍ୟତାର ବିକାଶ ପାଇଁ ସାଇନ୍ସ ଓ ଟେକ୍ନୋଲୋଜି ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ବିଶ୍ୱଶକ୍ତି ହେବାକୁ ହେଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଆମ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ ଏବଂ ଆଜିର ପିଲାମାନେ ହିଁ ହେବେ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ନିର୍ମାତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ସାଇ ଇଂଟରନ୍ୟାସନାଲ ସ୍କୁଲର ବିଜ୍ଞାନ ଓ ପ୍ରଯୁକ୍ତି ମହୋତ୍ସବ ସାଇ-ଟେକ୍ ୨୦୨୫ ରେ ଯୋଗ ଦେଇ କହିଛନ୍ତି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ , ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ସାଇ-ଟେକ୍-୨୦୨୫ କାର୍ଯ୍ୟକ୍ରମରେ କେବଳ ପ୍ରାଇଭେଟ ସ୍କୁଲ ନୁହେଁ ବରଂ କଟକ-ଭୁବନେଶ୍ୱରର ସରକାରୀ ସ୍କୁଲର ପିଲାମାନେ ମଧ୍ୟ ଭାଗ ନେଇଛନ୍ତି, ଯାହା ବିଜ୍ଞାନରେ ସେମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶରେ ସହାୟକ ହେବ । ବିଜ୍ଞାନ ଓ ଗବେଷଣାକୁ ପ୍ରୋତ୍ସାହନ



ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ୧ ଲକ୍ଷ କୋଟି ଟଙ୍କାର ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ଫଣ୍ଡ ଗଠନ କରିଛନ୍ତି । ଏହା ଆମର ଗବେଷଣା କ୍ଷେତ୍ରକୁ ସମୃଦ୍ଧ କରିବ ଏବଂ ଆମ ଦେଶର ଛାତ୍ରଛାତ୍ରୀମାନେ ଗବେଷଣା କ୍ଷେତ୍ରକୁ ଅଧିକ ଆକୃଷ୍ଟ ହେବେ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିରେ ନୂଆ ଉପଲବ୍ଧି ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଶେଷରେ ପିଲାଙ୍କୁ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପାଦେୟତା ବିଷୟରେ ଉଦ୍ ?ବୋଧନ ଦେଇ ସେ କହିଥିଲେ ଯେ ଆଧୁନିକ ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ମଧ୍ୟ ଭାରତୀୟ ବୈଜ୍ଞାନିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏସବୁ ଆମେ ଏବଂ ଆମର ପିଲାମାନେ ଜାଣିବା ଅତି ଆବଶ୍ୟକ । ଆମ ଭାରତୀୟମାନଙ୍କ ପାଖରେ ସମଗ୍ର ବିଶ୍ୱରେ ସର୍ବୋତମ ବୁଦ୍ଧିମତା, ଆମର ପ୍ରତିଭା ଅଛି । ଆପଣମାନେ ଏହି ବୁଦ୍ଧିମତାକୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ କରନ୍ତୁ । ବର୍ତ୍ତମାନ ଆପଣଙ୍କ ପାଖରେ ପଢିବା ପାଇଁ ଅନେକ ସମ୍ବଳ ଉପଲବ୍ଧ ଅଛି । ଭଲ ଶିକ୍ଷକ ଉପଲବ୍ଧ ଅଛନ୍ତି, ଇଂଟରନେଟରେ, ଜ୍ଞାନର ଅନେକ ଖୋଲା ଉତ୍ସ ଅଛି । ତେଣୁ ତୁମେ ଚାହିଁଲେ ବହୁତ କିଛି କରିପାରିବ । କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍ ର ଅଧକ୍ଷା ଡକ୍ଟର ଶିଳ୍ପୀ ସାହୁ, ପ୍ରଖ୍ୟାତ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ପ୍ରମୁଖ ମଞ୍ଚାସୀନ ଥିଲେ ।

## ୨ କୋଟି ମୃତ ବ୍ୟକ୍ତିଙ୍କ ଆଧାର ନମ୍ବର ନିଷ୍କ୍ରିୟ

**ନୂଆଦିଲ୍ଲୀ, ୨୬।୧୧ (ପିଆଇବି):** ଆଧାର ଡାଟାବେସର ନିରନ୍ତର ସଠିକତା ବଜାୟ ରଖିବା ପାଇଁ ଦେଶବ୍ୟାପୀ ସ୍ୱଚ୍ଛତା ଅଭିଯାନର ଅଂଶବିଶେଷ ସ୍ୱରୂପ ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ୨ କୋଟିରୁ ଅଧିକ ମୃତ ବ୍ୟକ୍ତିଙ୍କ ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି । ୟୁଆଇଡିଏଆଇ ଭାରତୀୟ ରେଜିଷ୍ଟ୍ରାର ଜେନେରାଲ (ଆରଜିଆଇ), ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆଦିରୁ ମୃତ ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ହାସଲ କରିଛି । ଏହା ମୃତ ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ହାସଲ କରିବା ପାଇଁ ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥା ସହିତ ସହଯୋଗ କରିବାକୁ ମଧ୍ୟ ବିଚାର କରୁଛି । ଆଧାର ନମ୍ବର କେବେବି କୌଣସି ବ୍ୟକ୍ତିଙ୍କୁ ପୁନର୍ବାର ଆବଣ୍ଟନ କରାଯାଏ ନାହିଁ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ କଲ୍ୟାଣକାରୀ ଲାଭ ପାଇବା ପାଇଁ ସମ୍ଭାବ୍ୟ ପରିଚୟ ଜାଲିଆତି କିମ୍ବା ଆଧାର ନମ୍ବରର ଅନଧିକୃତ ବ୍ୟବହାରକୁ ରୋକିବା ପାଇଁ ଆଧାର ନମ୍ବରକୁ ନିଷ୍କ୍ରିୟ କରିବା ଆବଶ୍ୟକ । ୟୁଆଇଡିଏଆଇ ଚଳିତ ବର୍ଷ ଆରମ୍ଭରେ ଏକ ବୈଶିଷ୍ଟ୍ୟ ମଧ୍ୟ ଆରମ୍ଭ କରିଥିଲା - ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟ କରିବା - ଯାହା ବର୍ତ୍ତମାନ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନାଗରିକ ପଞ୍ଜିକରଣ ପ୍ରଣାଳୀ ବ୍ୟବହାର କରି ପଞ୍ଜିକୃତ ମୃତ୍ୟୁ ପାଇଁ ମାଇ ଆଧାର ପୋର୍ଟାଲରେ ଉପଲବ୍ଧ ଅବଶିଷ୍ଟ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପୋର୍ଟାଲ୍ ସହିତ ସମନ୍ୱୟ ବର୍ତ୍ତମାନ ଚାଲିଛି ।ସ୍-ପ୍ରମାଣପତ୍ର ପରେ ପରିବାର ସଦସ୍ୟଙ୍କୁ ପୋର୍ଟାଲରେ ମୃତ ବ୍ୟକ୍ତିଙ୍କ ଆଧାର ନମ୍ବର ଓ ମୃତ୍ୟୁ ପଞ୍ଜିକରଣ ନମ୍ବର ଏବଂ ଅନ୍ୟାନ୍ୟ ଜନସଂଖ୍ୟାଗତ ବିବରଣୀ ପ୍ରଦାନ କରିବାକୁ ପଡିବ ପରିବାର ସଦସ୍ୟଙ୍କ ଦ୍ୱାରା ଦାଖଲ କରାଯାଇଥିବା ସୂଚନାର ଯାଞ୍ଚ ପ୍ରକ୍ରିୟା ଅନୁସରଣ କରି ମୃତ ବ୍ୟକ୍ତିଙ୍କ ଆଧାର ନମ୍ବରକୁ ନିଷ୍କ୍ରିୟ କିମ୍ବା ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ମୃତ୍ୟୁ ପଞ୍ଜିକରଣ କର୍ତ୍ତୃପକ୍ଷଙ୍କଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ଆଧାର ନମ୍ବର ଧାରକମାନଙ୍କୁ ମାଇଆଧାର ପୋର୍ଟାଲରେ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟ କରିବାକୁ ୟୁଆଇଡିଏଆଇ ଉତ୍ସାହିତ କରୁଛି ।

## ଗୁଣ୍ଡିଚା ମନ୍ଦିର ଗଲେ ପଡ଼ିବ ଟିକେଟ୍

ପୁରୀ, ୨୬।୧୧ (ମହାଭାରତ): ଡିସେମ୍ବର ୧ରୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର ପରୀକ୍ଷାମୂଳକ ଭାବେ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଭକ୍ତଙ୍କ ପିଛା ଟିକେଟ୍ର ମୂଲ୍ୟ ୧୦ ଟଙ୍କା ରହିବ ୫ ବର୍ଷରୁ କମ୍, ୮୦ ବର୍ଷରୁ ଅଧିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଦେୟମୁକ୍ତ ଦର୍ଶନ ବ୍ୟବସ୍ଥା ରହିଛି ପ୍ରତିଦିନ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମନ୍ଦିର ଖୋଲିବ । ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ସକାଳ ୬ରୁ ସନ୍ଧ୍ୟା ୫ଟା ଯାଏ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଆଡ଼ପ ମଣ୍ଡପ ଦର୍ଶନ ପାଇଁ ପ୍ରବେଶ ଓ ପ୍ରସ୍ଥାନ ରହିଥିବାବେଳେ ମାଗଣା ଚପଲ, ମୋବାଇଲ ଷ୍ଟାଣ୍ଡ ଓ ପାନୀୟ ଜଳର ବ୍ୟବସ୍ଥା ରହିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ତହସିଲଦାରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ବେତନଟୀ, ୨୬।୧୧ (ମହାଭାରତ): ୧୮ ନମ୍ବର ଜାତୀୟ ରାଜପଥର ମୟୂରଭଂଜଜିଲ୍ଲା ତୁଳସୀଚଉରା ଢ଼ାବା ନିକଟରେ ଗତକାଲି ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ ହୋଇଛନ୍ତି । ଏହି ଘଟଣା ସହିତ ଜଡ଼ିତ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ବର୍ତ୍ତନା ଅଞ୍ଚଳର ପ୍ରଶାନ୍ତ ଗାଆଣ, ସୁଶାନ୍ତ ଗାଆଣ ଓ ବାରିପଦା ସୁନୁଗଡିଆ ଅଞ୍ଚଳର ମାଝାଲ ହୁସେନ ।

ବେତନଟୀରେ ନୂଆକରି ଦାୟିତ୍ୱ ଗ୍ରହଣ କରିଥିବା ତହସିଲଦାର ଚନ୍ଦ୍ରଜିତ ବେହେରା ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତକରି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ । ତହସିଲଦାରଙ୍କର ଏଭଳି କାର୍ଯ୍ୟାନୁଷ୍ଠାନରେ ବାଲି ମାଫିଆମାନେ ହିଂସ ଦେଖାଯାଇଥିଲେ । ପ୍ରତିଶୋଧ ପରାୟଣ ହୋଇ ପାଖାପାଖି ୧୫ଜଣ ବାଲିମାଫିଆ । ସଂଗଠିତ ହେବା ସହିତ ମଙ୍ଗଳବାର ସନ୍ଧ୍ୟା ୬ଟା ପାଖାପାଖି ସମୟରେ ୧୮ନଂ ଜାତୀୟ ରାଜପଥର ତୁଳସୀଚଉରା ଢ଼ାବା ନିକଟରେ ତହସିଲଦାର ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଅଟକାଇ ସଂଘବଦ୍ଧ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ । ଘଟଣାସ୍ଥଳରେ ବେତନଟୀ ପୁଲିସ ପହଁଚି ତହସିଲଦାରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ତେବେ ଏନେଇ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ବେତନଟୀ ଥାନାରେ ଦେଇଥିବା ଲିଖିତ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା

## ଓଡ଼ିଶାରୁ ଅଧିକ ଚାଉଳ କିଣିବ ଏଫସିଆଇ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୬।୧୧ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ଭାରତୀୟ ଖାଦ୍ୟ ନିଗମ ବା ଏଫସିଆଇ ଓଡ଼ିଶାରୁ ଅତିରିକ୍ତ ୮ ଲକ୍ଷ ମେଟ୍ରିକ୍ ଟନ୍ ତଥା ମୋଟ ୫୮ ଲକ୍ଷ ଧାନ(ଚାଉଳ ଆକାରରେ) କିଣିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପତ୍ରର ଉତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି । ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଆକଳନ କରାଯାଇଛି ।

ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛନ୍ତି । ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ମୋଦୀ ସରକାରଙ୍କ ଏହି ସମୟୋଚିତ ନିଷ୍ପତି ରାଜ୍ୟର ଅର୍ଥନୀତି ଓ ଆମ ଚାଷୀ ଭାଇଭଉଣୀଙ୍କ ହାତମୁଠାକୁ ମଜଭୂତ୍ କରିବ ।

ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ । ବିଶେଷ ଭାବରେ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଉଷୁନା ଚାଉଳ ଉଠାଣ ସହ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଧାନ ସଂଗ୍ରହ କରିବା ପାଇଁ ଆଲୋଚନା କରିବା ସହ ଚିଠି ଦେଇଥିଲେ ।

# ୭,୨୮୦ କୋଟିର ଯୋଜନାକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୨୬।୧୧ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ସିଣ୍ଟର୍ଡ ରେୟାର ଆର୍ଥ ପର୍ମାନେଣ୍ଟ ମ୍ୟାଗ୍ନେଟ୍ (ଆରଇପିଏମ) ଯୋଜନାକୁ ଅନୁମୋଦନ କରାଯାଇଛି ୭ ହଜାର ୨୮୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ସହିତ ଏହି ଯୋଜନାରେ ସିଣ୍ଟର୍ଡ ରେୟାର ଆର୍ଥ ପର୍ମାନେଣ୍ଟ ମ୍ୟାଗ୍ନେଟ୍ ନିର୍ମାଣକୁ ଦେଶରେ ପ୍ରୋତ୍ସାହିତ କରାଯିବ । ଭାରତ ସରକାର ପ୍ରଥମ ଥର ପାଇଁ ଏଭଳି ଅଭିନବ ଯୋଜନା ଆଣିଛନ୍ତି ଯାହାର ଲକ୍ଷ୍ୟ ହେଉଛି ଦେଶରେ ବାର୍ଷିକ ୬ ହଜାର ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଆରଇପିଏମ୍ ନିର୍ମାଣ କ୍ଷମତା ବିକଶିତ କରିବା । ଏହା ଭାରତକୁ ଆତ୍ମନିର୍ଭରଶୀଳ କରିବା ସହିତ ବିଶ୍ୱ ଆରଇପିଏମ୍ ବଜାରରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ରୂପେ ସ୍ଥାପିତ କରିବ ।

ଆରଇପିଏମ ହେଉଛି ପର୍ମାନେଣ୍ଟ ମ୍ୟାଗ୍ନେଟର ସବୁଠୁ କଠିନ ସ୍ୱରୂପ ଏବଂ ଏହା ଇଲେକ୍ଟ୍ରୋନିକ୍ସ ବାହନ, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ଜରୁରୀ ଉପକରଣ ରୂପେ ବ୍ୟବହୃତ ହୋଇଥାଏ ଏହି ଯୋଜନା ସମନ୍ୱିତ ଆରଇପିଏମ ଉତ୍ପାଦନ ୟୁନିଟ୍ ନିର୍ମାଣକୁ ସମର୍ଥନ କରିବ ଏସବୁ ୟୁନିଟରେ ପ୍ରଥମେ ରେୟାର ଆର୍ଥ ଅକ୍ସାଇଡକୁ ଧାତୁରେ, ଧାତୁକୁ ଆଲଏରେ ଏବଂ ଆଲଏକୁ ଅନ୍ତିମ ଆରଇପିଏମ ରୂପେ ନିର୍ମାଣ କରାଯିବ ।ବୈଦ୍ୟୁତିକ ଯାନବାହନ, ଅକ୍ଷୟ ଶକ୍ତି, ଶିଳ୍ପ ଉପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସର ଦ୍ରୁତ ବର୍ଦ୍ଧିତ ଚାହିଦା ଯୋଗୁଁ ଭାରତରେ ଆରଇପିଏମ ବ୍ୟବହାର ୨୦୨୫ ତୁଳନାରେ ୨୦୩୦ ସୁଦ୍ଧା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି । ବର୍ତ୍ତମାନ, ଭାରତର ଆରଇପିଏମ ଚାହିଦା ମୁଖ୍ୟତଃ ଆମଦାନୀ ମାଧ୍ୟମରେ ପୂରଣ କରାଯାଉଛି । ଏହି ପଦକ୍ଷେପ ସହିତ ଭାରତ ଏହାର ପ୍ରଥମ ସମନ୍ୱିତ ଆରଇପିଏମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ, ନିଯୁକ୍ତି ସୃଷ୍ଟି କରିବ, ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବ ଏବଂ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ହାସଲ କରିବା ପାଇଁ ଦେଶର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବ ।

ଏହି ଯୋଜନାର ମୋଟ ଆର୍ଥିକ ବ୍ୟୟବରାଦ ୭୨୮୦ କୋଟି ଟଙ୍କା ରଖାଯାଇଛି ଯେଉଁଥିରେ ପାଞ୍ଚ ବର୍ଷ ପାଇଁ ଆରଇପିଏମ ବିକ୍ରୟ ଲାଗି ୬୪୫୦ କୋଟି ଟଙ୍କାର ବିକ୍ରି ଆଧାରିତ ପ୍ରୋତ୍ସାହନ ଏବଂ ମୋଟ ୬ ହଜାର ଆରଇପିଏମ ଉତ୍ପାଦନ ସୁବିଧା ସ୍ଥାପନ ପାଇଁ ୭୫୦ କୋଟି ଟଙ୍କାର ପୁଞ୍ଜି ସବସିଡି ଅନ୍ତର୍ଭୁକ୍ତ । ଏହି ଯୋଜନାରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଡିଂ ପ୍ରକ୍ରିୟା ମାଧ୍ୟମରେ ପାଞ୍ଚଟି ହିତାଧିକାରୀ ସଂସ୍ଥାଗୁଡ଼ିକୁ ମୋଟ କ୍ଷମତା ଆବଣ୍ଟନ କରିବାର ପରିକଳ୍ପନା କରାଯାଇଛି ପ୍ରତ୍ୟେକ ହିତାଧିକାରୀଙ୍କୁ ବାର୍ଷିକ ୧,୨୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଉତ୍ପାଦନ କ୍ଷମତା ଆବଣ୍ଟନ କରାଯିବ ।ଯୋଜନାର ମୋଟ ଅବଧି ୭ ବର୍ଷ ହେବ, ଯେଉଁଥିରେ ଏକ ସମନ୍ୱିତ ଆରଇପିଏମ୍ ନିର୍ମାଣ ୟୁନିଟ୍ ସ୍ଥାପନ ପାଇଁ ୨ ବର୍ଷର ନିର୍ମାଣ ଅବଧି ଏବଂ ଆରଇପିଏମ ବିକ୍ରୟ ଉପରେ ପ୍ରୋତ୍ସାହନ ବଣ୍ଟନ ପାଇଁ ୫ ବର୍ଷ ଅନ୍ତର୍ଭୁକ୍ତ ।ଭାରତ ସରକାରଙ୍କ ଏହି ପଦକ୍ଷେପ ଘରୋଇ ଆରଇପିଏମ ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ଆରଇପିଏମ ଉତ୍ପାଦନରେ ସ୍ୱଦେଶୀ କ୍ଷମତାକୁ ପ୍ରୋତ୍ସାହିତ କରି ଏହି ଯୋଜନା କେବଳ ଘରୋଇ ଶିଳ୍ପ ପାଇଁ ଆରଇପିଏମ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବ ନାହିଁ ବରଂ ଦେଶର ନେଟ୍ ଜିରୋ ୨୦୭୦ ପ୍ରତିବଦ୍ଧତାକୁ ମଧ୍ୟ ସମର୍ଥନ କରିବ ଏହା ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ଏକ ବୈଷୟିକ ଭାବେ ଆତ୍ମନିର୍ଭରଶୀଳ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଏବଂ ସ୍ଥାୟୀ ଶିଳ୍ପ ଆଧାର ନିର୍ମାଣ କରିବା ପାଇଁ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ପ୍ରତିପାଦନ କରିଥାଏ ।

## ଆଲୋକୀକରଣ ହେବ ଶ୍ରୀମନ୍ଦିର

ପୁରୀ: ଶ୍ରୀମନ୍ଦିର ଆଲୋକୀକରଣ ହେବ । ଏଥିପାଇଁ ଖର୍ଚ୍ଚ ହେବ ୧୭ କୋଟି ୧୨ ଲକ୍ଷ । ଏହି ଅର୍ଥ ଅବଢ଼ା ଯୋଜନାରେ ଖର୍ଚ୍ଚ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସରକାରଙ୍କୁ ଅନୁରୋଧ କରିବ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପ୍ରସ୍ତୁତ କରିଥିବା ଡିପିଆର୍କୁ ମୋହର ମାରିଛି । ପରିଚାଳନା କମିଟି ସରକାର ବଦଳିବା ପରେ ପରେ ଶ୍ରୀମନ୍ଦିର ଚାରିପାଖେ ଲାଗିଥିବା ଫୋକସ୍ ଲାଇଟ୍ ଠିକା ସଂସ୍ଥା ଖୋଲିଦେଇଥିଲା । ଏହାପରେ ଶ୍ରୀମନ୍ଦିର ହଠାତ୍ ଅନ୍ଧାର ହୋଇ ପଡ଼ିଥିଲା ଓ ଲାଇଟ୍ ଲଗାଯିବା ପ୍ରସଙ୍ଗକୁ ନେଇ ବିବାଦ ଉତ୍ପନ୍ନ ହୋଇଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ଠିକାସଂସ୍ଥା ଏହାକୁ ଲଗାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ବା ସରକାର ଟଙ୍କାଟିଏ ଖର୍ଚ୍ଚ କରିନଥିବା ଦର୍ଶାଇଥିଲେ ଘଟଣାର ତଦନ୍ତ ହେବା ସହ ଠିକାସଂସ୍ଥାର ୪ ଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଥିଲା ।

## ଶେଖ ହସିନାଙ୍କ ବ୍ୟାଙ୍କ ଲକରରେ ୧୦ କେଜି ସୁନା ଅଳଙ୍କାର

ଢାକା, ୨୬।୧୧ : ବାଂଲାଦେଶ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଧୀକରଣ-୧ ଦ୍ୱାରା ଅପଦସ୍ଥ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇବା ପରେ, ଅସ୍ଥାୟୀ ସରକାର ତାଙ୍କର ଚଳ-ଅଚଳ ସମ୍ପତ୍ତି ଜବତ କରିବା ପ୍ରକ୍ରିୟା ଆରମ୍ଭ କରିଛି । ନ୍ୟାସନାଲ୍ ବୋର୍ଡ ଅଫ୍ ରେଭେନ୍ୟୁର ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ସେଲ୍, ମୋତିଝିଲ୍‌ରେ ଅବସ୍ଥିତ ଏକ ପ୍ରମୁଖ ବ୍ୟାଙ୍କ ଶାଖାରେ ଶେଖ ହାସିନାଙ୍କ ନାମରେ ରେଜିଷ୍ଟର୍ ହୋଇଥିବା ଦୁଇଟି ଲର୍କରୁ ୮୩୨.୫୧ ଭରି (୯.୭୦୪ କିଲୋଗ୍ରାମ୍) ସୁନାଗହଣା ଜବତ କରିଛି । ଦ ଡେଲି ଷ୍ଟାରର ରିପୋର୍ଟ ଅନୁସାରେ, ନ୍ୟାସନାଲ୍ ବୋର୍ଡ ଅଫ୍ ରେଭେନ୍ୟୁର ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ସେଲ୍‌ର ଅଧିକାରୀମାନେ ସୋମବାର ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ରିପୋର୍ଟ୍‌ରେ କୁହାଯାଇଛି ଯେ, ଅଧିକାରୀମାନେ ନିୟମ ଅନୁସାରେ ଲକର୍ ନମ୍ବର ୭୫୧ ଓ ୭୫୩ କୁ ଖୋଲିଥିଲେ । ଏହି ଲର୍କରୁ ସୁନାର ଆଭୂଷଣ ବ୍ୟତୀତ ଦେଶ-ବିଦେଶରୁ ମିଳିଥିବା ପୁରସ୍କାର ଏବଂ ଉପହାରମାନେ ମଧ୍ୟ ଜବତ ହୋଇଛି ।



## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

**ଖବର**


## ଭାରତୀଙ୍କ ବେବି ସାୱାରକୁ ଯାଇ ଅର୍ଜୁନ ବିଜଲାନୀ ଦେଲେ ଖୁସି ଖବର !



ଲଗାତାର ଭାବେ ଖବରରେ ରହିଛନ୍ତି ଅଭିନେତା ଅର୍ଜୁନ୍ ବିଜଲାନୀ । ବିବାହର ୧୨ ବର୍ଷ ପରେ ଛାଡପତ୍ର ଦେବାକୁ ନେଇ ଚର୍ଚ୍ଚାରେ ରହିଥିଲେ। କିନ୍ତୁ ଏବେ ସେ ଦ୍ୱିତୀୟ ଥର ପାଇଁ ବାପା ହେବାକୁ ଯାଉଛନ୍ତି । ଯାହାର ଖବର ବର୍ତ୍ତମାନ ଭାଇରଲ ହେଉଛି ।କିନ୍ତୁ ଏହାରି ମଧ୍ୟରେ ଏକ ଇ□ରଭ୍ୟୁରେ ଅର୍ଜୁନ କହିଛନ୍ତି ଯେ, '' ଭାରତୀ ସିଂଙ୍କ ବେବି ସାୱାର ହୋଇଥିଲା । ସେହି ସମୟର କିଛି ଫଟୋ ସେୟାର କରାଯାଇଥିଲା ।ତେଣୁ ଏହି ଖବର ଗୁଜବ ବୋଲି ଅର୍ଜୁନ ସ୍ପଷ୍ଟ କରିଛନ୍ତି । ପୁରୁଣା ଫଟୋ ଦେଖିଲେ ଜାଣିପାରିବେ ବୋଲି ମଧ୍ୟ ସେ କହିଛନ୍ତି ।''ଆହୁରି ମଧ୍ୟ ସେ କହିଛନ୍ତି ଯେ, ତାଙ୍କର ନେହାଙ୍କ ସହିତ ବିବାହ ୨୦୧୩ ମସିହାରେ ହୋଇଥିଲା । ବିବାହର ଠିକ୍ ୨ ବର୍ଷ ପରେ ପ୍ରଥମ କରି ପୁତ୍ର ସନ୍ତାନର ବାପା ହୋଇଥିଲେ। କିନ୍ତୁ ଏବେ ସେ ଦ୍ୱିତୀୟ ଥର ପାଇଁ ବାପା ହୋଇ ନାହାଁନ୍ତି । ଯାହା ସ୍ପଷ୍ଟ ହେବା ପରେ ଚର୍ଚ୍ଚା ହେଉଥିବା ଗୁଜବ ଖବରରେ ପୂର୍ଣ୍ଣଚ୍ଛେଦ ପଡିଛି । ଏଥିସହ ସେ ଇ□ରଭ୍ୟୁରେ କହିଛନ୍ତି ଯେ, ଯେତେବେଳେ ଲୋକଙ୍କ ଆଟେନସନ୍ ତାଙ୍କ ଉପରେ ଥାଏ ସେତେବେଳେ ତାଙ୍କୁ ଖୁବ୍ ଖୁସି ଲାଗେ।


## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଲୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଦେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।




## ଲୋକପ୍ରିୟ ହିନ୍ଦୁ ତୀର୍ଥସ୍ଥଳ: ଅମରକଣ୍ଟକ


ଅମରକଣ୍ଟକ ନର୍ମଦା ନଦୀ, ସୋନ ନଦୀଏବଂ ଜୋହିଲା ନଦୀର ଉଦମ ସ୍ଥାନ ଅଟେ। ଏହି ସ୍ଥାନ ମଧ୍ୟପ୍ରଦେଶ ଅନୁପପୁର ଜିଲ୍ଲାରେ ଅବସ୍ଥିତ। ହିନ୍ଦୁମାନଙ୍କ ପବିତ୍ର ସ୍ଥଳ ହେଉଛି ଏହି ସ୍ଥାନ। ସମୁଦ୍ର ପତ୍ତନଠାରୁ ୧୦୬୫ ମିଟର ଉଚ୍ଚରେ ଅବସ୍ଥିତ ମଧ୍ୟ ଭାରତର ବିନ୍ଧ୍ୟ ଏବଂ ସତପୁଡ଼ା ପାହାଡ଼ିଆ କ୍ଷେତ୍ରରେ ଅବସ୍ଥିତ। ଏହି ଅମରକଣ୍ଟକରୁ ନର୍ମଦା ଏବଂ ସୋନ ନଦୀର ଉତ୍ପତ୍ତି ହୋଇଛି। ଏହିଠାରୁ ପଶ୍ଚିମକୁ ନର୍ମଦା ଏବଂ ପୂର୍ବରୁ ସୋନ ନଦୀ ବହି ଯାଇଛି। ଏହି ସ୍ଥାନର ସୁନ୍ଦର ଝରଣା, ଉଚ୍ଚ ପାହାଡ଼ ଏବଂ ଶାନ୍ତି



ବାତାବରଣ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଧାର୍ମିକ ଆଚରଣ କରୁଥିବା ବ୍ୟକ୍ତିବିଶେଷ ମାନେ ଏହି ସ୍ଥାନକୁ ଅଧିକ ପସନ୍ଦ କରିଥାନ୍ତି। ଅମରକଣ୍ଟକ ସଂପର୍କିତ ଅନେକ ପରମ୍ପରା ଓ କିମ୍ବଦନ୍ତୀ ରହିଛି। କୁହାଯାଏ ଯେ, ଭଗବାନ ଶିବଙ୍କ ପୁତ୍ରୀ ନର୍ମଦା ଜୀବନଦାୟିନୀ ନଦୀ ରୂପରେ ଏଠାରୁ ବହି ଯାଇଛନ୍ତି। ମାତା ନର୍ମଦାଙ୍କ ସମର୍ପଣରେ ଏଠାରେ ଅନେକ ମନ୍ଦିର ନିର୍ମିତ ହୋଇଛି। ମାତା ନର୍ମଦାଙ୍କୁ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଭାବେ ସ୍ୱୀକାର କରାଯାଏ। ଜୀବନଦାୟୀ ଗୁଣରେ ଭରପୁର ଏହି ସ୍ଥାନ। ଏଠାରେ ଥିବା ଝରଣାରେ ଗରମ ପାଣି ପ୍ରବାହିତ ହୋଇଥାଏ। କୁହାଯାଏ ଯେ, ଏହି ଝରଣାପାଣି ଅନେକ ଔଷଧୀୟ ଗୁଣରେ ଭରପୁର ରହିଛି। ଏଥିରେ ସ୍ନାନ କଲେ ଶରୀରର ବହୁ ଅସାଧ୍ୟ ରୋଗ ଦୂର ହୋଇଥାଏ। ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଆସି ଏହି ପବିତ୍ର ଜଳରେ ସ୍ନାନ କରିଥାନ୍ତି ଏବଂ ଏଥିରେ ସ୍ନାନ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ସର୍ବଦୁଃଖ ନିବାରଣ ହୋଇଥାଏ। ଏହି ପାହାଡ଼ିଆ ଅଞ୍ଚଳରେ ଅନେକ ମନ୍ଦିର ଓ ମୂର୍ତ୍ତି ସ୍ଥାପନ ହୋଇଛି। ଏଠାରେ ନର୍ମଦା ଏବଂ ଶିବ ମନ୍ଦିର ସମେତ ପ୍ରଭୁ କାର୍ତ୍ତିକେୟ , ଶ୍ରୀରାମ-ଜାନକୀ, ମାତା ଅନ୍ନପୂର୍ଣ୍ଣା, ଗୁରୁ ଗୋରଖନାଥ, ଶ୍ରୀ ସୂର୍ଯ୍ୟନାରାୟଣ, ବଙ୍ଗେଶ୍ୱର ମହାଦେବ, ଦୁର୍ଗା ମାତା, ଶିବ ପରିବାର, ସିଦ୍ଧେଶ୍ୱର ମହାଦେବ, ଶ୍ରୀରାଧା-କୃଷ୍ଣ ଆଦି ମନ୍ଦିର ଏଠାରେ ନିର୍ମିତ ହୋଇଛି। କୁହାଯାଏ ଯେ, ନର୍ମଦାଙ୍କୁ ଉତ୍ପତ୍ତି ଶିବଙ୍କ ଜଟାରୁ ହୋଇଛି, ତେଣୁ ଶିବଙ୍କୁ ଜଟାଶଙ୍କର କୁହାଯାଏ।

## ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ

ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ୱା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ




ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।

ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ୍ୟ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

## ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି

ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି



ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ? ତୁମେ କାହା ଜୀବନ ଋହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଋହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଋହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

# ବିଜେପିରେ ମିଶିଲେ ବିଜେଡି ନେତା

ଭୁବନେଶ୍ୱର, ୨୬।୧୧ (ମହାଭାରତ): ବିଜେପିର ଅନ୍ୟନାମ ବିକାଶ । ବିକାଶକୁ ତ୍ୱରାନ୍ୱିତ କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଏହି କାରଣରୁ ବିଜେପି ଆଜି ସମଗ୍ର ଭାରତବର୍ଷରେ ଆଦୃତ ହୋଇ ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି । ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିବା ପରେ "ନିର୍ବାଚନୀ ଘୋଷଣାନାମା"ରେ ଦିଆଯାଇଥିବା ଅଧିକାଂଶ ପ୍ରତିଶ୍ରୁତି ଆମେ ପୂରଣ କରିଛୁ । ଲୋକଙ୍କ ସହ ଜୀବନ୍ତ ସମ୍ପର୍କ ରଖି ପାର୍ଟିର ବିଚାରଧାରା, ଆଦର୍ଶ ଏବଂ ବିଜେପି ସରକାରର ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା ଆମ ସମସ୍ତଙ୍କର ମୂଳ ଲକ୍ଷ୍ୟ । ପଂଚାୟତ ନିର୍ବାଚନରେ ପାର୍ଟିର ସଫଳତା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ । ଆଜିର ଏହି ମିଶ୍ରଣ ପର୍ବ ବେଗୁନିଆ – ବୋଲଗଡ ନିର୍ବାଚନ ମଣ୍ଡଳୀ ସମେତ ଖୋର୍ଦ୍ଧା ଜିଲ୍ଲାର ସଂଗଠନକୁ ସୁଦୃଢ଼ କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଏହି ଅବସରରେ ବେଗୁନିଆ – ବୋଲଗଡ ନିର୍ବାଚନ ମଣ୍ଡଳୀର ବୋଲଗଡରୁ ଦଳେଇସାହି ଗ୍ରାମ ପଂଚାୟତର ସରପଂଚ ସୁଶାନ୍ତ କୁମାର ପରିଡାଙ୍କ ସମେତ ସମିତି ସଭ୍ୟା ମନସ୍ମିତା ଦଳାଇ, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ୱାର୍ଡ ମେମ୍ବର କୈଳାସ ସୁନ୍ଦରାୟ, ଜ୍ୟୋତ୍ସ୍ନାରାଣୀ ନାୟକ, ଭାଗୀରଥି ପୃଷ୍ଟି, ଖୁର୍ସିଦା ବେଗମ, ପବନି ଦେଇ, ସେହେନ୍ସା ବେଗମ, ସେକ୍ କାଜଲ, ଅଶାନ୍ତି ବିଶ୍ୱାଳ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହେଲେ ।

ସେହିପରି ସାନପଦର ଗ୍ରାମ ପଂଚାୟତର ସମିତିସଭ୍ୟ ତଥା ବିଜୁ ଜନତା ଦଳ ଉପସଭାପତି ଦିଲ୍ଲୀପ କୁମାର ମହାପାତ୍ର, ୱାର୍ଡ ମେମ୍ବର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ତ୍ରିନାଥ ମୁଦୁଲି, ମନୋଜ କୁମାର ପରିଡା, ଅନନ୍ତ ମୁଦୁଲି, ସ୍ୱାଧିନ ମହାପାତ୍ର, ବିରଜା ପ୍ରସାଦ ଭଞ୍ଜ ସାମନ୍ତ, ରଶ୍ମିରଞ୍ଜନ ବେହେରା, ମାୟାଧର ରାଉତରାୟ, ପ୍ରଫୁଲ୍ଲ କୁମାର, ଅମରେନ୍ଦ୍ର ; ଅସରଳା ଦଳ ଗ୍ରାମ ପଂଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରଦିପ କୁମାର ମହାପାତ୍ର, ୱାର୍ଡ ମେମ୍ବର ପବିତ୍ର ନାୟକ, ରୂପାଲି ସାହୁ; ସାଗୁରଗାଁ ଗ୍ରାମ ପଂଚାୟତର ସମିତିସଭ୍ୟ ତୋଫାନ ବେହେରା; ପଙ୍ଗାରସିଂ ଗ୍ରାମ



ପଂଚାୟତର ରଜତ ମହାପାତ୍ର; ଫାସିଓଦା ଗ୍ରାମ ପଂଚାୟତର ବ୍ରଜକିଶୋର ସୁବୁଦ୍ଧି, ନେପାଳ ରାୟ, ନିରଞ୍ଜନ ସେଠୀ, ଅଭିଳାଷ ପଣ୍ଡା, ରାକେଶ ମିଶ୍ର ପ୍ରମୁଖ ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବରିଷ୍ଠ ନେତା ପ୍ରକାଶ ରଣବିଜୁଳି, ରୁଦ୍ର ନାରାୟଣ ବାହିନୀପତି, ସୁମିତ୍ରା ବାହିନୀପତି, ଅକ୍ଷୟ ରାଉତ, ସୌମ୍ୟରଞ୍ଜନ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବିଧାନ ନିର୍ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଆଜି ହେଉଛି ସମ୍ବିଧାନ ଦିବସ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବିଧାନ ନିର୍ମାତା ସହ ସମସ୍ତ ମହାପୁରୁଷଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ପବିତ୍ର ସଂବିଧାନ ଦିବସ ଅବସରରେ, ଆମେ ଭାରତୀୟ ସଂବିଧାନକୁ ସାକାର କରିବାରେ ଅମୂଲ୍ୟ ଅବଦାନ ରଖିଥିବା ସଂବିଧାନ ସ୍ରଷ୍ଟା ଡ଼. ବାବାସାହେବ ଆମ୍ବେଦକରଙ୍କୁ ଏବଂ ଆମର ସମସ୍ତ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ଭାରତୀୟ ସଂବିଧାନ ଆମ ଜାତିକୁ ଏକତା, ଅଖଣ୍ଡତା ଓ ପ୍ରଗତିର ପଥ ଦେଖାଇଛି ଏବଂ ଏହା ଆମ ସମସ୍ତଙ୍କର ଅଧିକାର, କର୍ତ୍ତବ୍ୟ ଓ ନ୍ୟାୟର ପ୍ରତିବିମ୍ବ । ସଂବିଧାନ କେବଳ ଗୋଟିଏ ଦଲିଲ୍ ନୁହେଁ, ଏହା ଆମ ଜୀବନର ଦିଗନିର୍ଦ୍ଦେଶ କରୁଥିବା ପବିତ୍ର ଗ୍ରନ୍ଥ, ଯାହା ଆମକୁ ସମାନତା, ସ୍ୱାଧୀନତା ଓ ନ୍ୟାୟର ଅଧିକାର ପ୍ରଦାନ କରେ । ଏହା ଆମର ବିଭିନ୍ନତାରେ ଏକତାର ପ୍ରତୀକ ଓ ଆମକୁ ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସଜାଗ କରେ । ଆସନ୍ତୁ, ଆମେ ସମସ୍ତେ ଆମ ସଂବିଧାନର ମୂଲ୍ୟବୋଧକୁ ଆତ୍ମସାତ କରି, ଗୋଟିଏ ସଶକ୍ତ, ପ୍ରଗତିଶୀଳ ଏବଂ ବିକଶିତ ଭାରତ ଗଠନରେ ଆମର ମୂଲ୍ୟବାନ ଅବଦାନ ଦେବା ।



# ଶ୍ରେଷ୍ଠତ୍ୱ ପାଇଁ ଓଡ଼ିଶା ପାଭିଲିୟନ୍ ଯୋଗ୍ୟ ବିବେଚିତ

ନୂଆଦିଲ୍ଲୀ /ଭୁବନେଶ୍ୱର, ୨୬।୧୧ (ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ଅନ୍ତିମ ତିଥିରେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ଓଡ଼ିଶା ପାଭିଲିୟନ୍ । ଏ' ସମ୍ପର୍କରେ ଏହି ବାଣିଜ୍ୟ ମେଳାର ଆୟୋଜକ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ଦ୍ୱାରା ସୂଚନା ପ୍ରଦାନ ପରେ ଓଡ଼ିଶା ପାଭିଲିୟନ୍ ରେ ଆନନ୍ଦର ଲହରୀ ଖେଳି ଯାଇଛି ।

ଚଳିତ ବର୍ଷ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆଧାରରେ ଓଡ଼ିଶା ମଣ୍ଡପ ପ୍ରସ୍ତୁତ କରାଯାଇଛି । ମଣ୍ଡପ ଡିଜାଇନରେ କେବଳ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଭାସ୍କର୍ଯ୍ୟ କଳା ପ୍ରତିଫଳିତ ହୋଇନାହିଁ, ବରଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନିମନ୍ତେ ପ୍ରସ୍ତୁତ ଭିଜନ୍ ଡକ୍ୟୁମେଣ୍ଟ ଆଧାରରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ପାଇଁ ଓଡିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଛି । ଏହି ମଣ୍ଡପ ମାଧ୍ୟମରେ ମଧ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରତିଟି ସ୍ତରରେ ହେଉଥିବା ଉଦ୍ୟମକୁ ଦେଶର ଅନ୍ୟାନ୍ୟ ରାଜ୍ୟ ଏବଂ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବାକୁ ପ୍ରୟାସ କରାଯାଇଛି । ନିଜର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଏହି ସୁଦୃଶ୍ୟ ମଣ୍ଡପରେ ସ୍ଥାନିତ ହୋଇଛି । ବିଭିନ୍ନ କୃଷି ଉତ୍ପାଦ ସମେତ ଉତ୍କୃଷ୍ଟ ହସ୍ତତନ୍ତ, ହସ୍ତଶିଳ୍ପ କଳା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବହୁ ସାମଗ୍ରୀ ମଧ୍ୟ ଏଥିରେ ପ୍ରଦର୍ଶିତ ହୋଇଛି ।

ଗତ ୧୪ ତାରିଖରେ ଓଡିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସୁଦୃଶ୍ୟ ଓଡ଼ିଶା ପାଭିଲିୟନ୍ ଉଦଘାଟନ କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲଗାତାର ଭାବେ ଗତ ୩ ବର୍ଷ ଧରି ଓଡ଼ିଶା ପାଭିଲିୟନ୍ ପୁରସ୍କୃତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଆସନ୍ତାକାଲି ଅପରାହ୍ନ ୦୪:୩୦ ରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଚତୁର୍ଥ ଥର ପାଇଁ ପୁରସ୍କାର ଗ୍ରହଣ କରିବ । ସୂଚନା ଯୋଗ୍ୟ ଯେ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ୍ ର ଆୟୋଜନ ଦାୟିତ୍ୱ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ରହିଛି ।

# ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଭାବ ବିନିମୟ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୨୬।୧୧** (ମହାଭାରତ): ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଭାବ ବିନିମୟ କରିଛନ୍ତି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି । ବୁଧବାର ରାଜଭବନର ଅଭିଷେକ ହଲରେ ଆୟୋଜିତ ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆଦିବାସୀ ଆରୋଗ୍ୟକାରୀଙ୍କ ସହିତ ଆଲୋଚନା ସମୟରେ ସେମାନଙ୍କ ଚିକିତ୍ସା ଜ୍ଞାନ ଅମୂଲ୍ୟ ଓ ପ୍ରଶଂସନୀୟ ବୋଲି କହିଛନ୍ତି ।

ପାରମ୍ପରିକ ଆଦିବାସୀ ଚିକିତ୍ସା ପ୍ରଣାଳୀର ସଂରକ୍ଷଣ, ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଜ୍ଞାନ ପ୍ରଦାନ କରିବା ପାଇଁ ସଠିକ୍ ଭାବରେ ଡକ୍ୟୁମେଣ୍ଟେସନ୍ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି ।

ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀର ସଦସ୍ୟଙ୍କ ସମେତ ଆଦିବାସୀ ଆରୋଗ୍ୟକାରୀଙ୍କ ସହିତ ଆଲୋଚନା କରି ରାଜ୍ୟପାଳ କହିଥିଲେ ଯେ ଦୁର୍ଗମ ଅଞ୍ଚଳ ଯେଉଁଠାରେ ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ସୀମିତ କିମ୍ବା ଅନୁପଲବ୍ଧ ସେଠାରେ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପଦ୍ଧତି



ଶହ ଶହ ବର୍ଷ ଧରି ବିକଶିତ ହୋଇ ଆସିଛି । ଆଦିବାସୀ ସମ୍ପ୍ରଦାୟ ସ୍ଥାନୀୟ ଉଦ୍ଭିଦ, ଔଷଧୀୟ ବୃକ୍ଷ ଏବଂ ପ୍ରାକୃତିକ ସମ୍ପଦରୁ ସେମାନଙ୍କର ନିଜସ୍ୱ ଔଷଧୀୟ ପ୍ରଣାଳୀ ବିକଶିତ କରିଛନ୍ତି । ଏହି ଜ୍ଞାନ ଅମୂଲ୍ୟ ଏବଂ ଏହା ଲୋପ ପାଇବା ପୂର୍ବରୁ ଏହାକୁ ସଂରକ୍ଷଣ କରାଯିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ ।

ଆରୋଗ୍ୟକାରୀମାନଙ୍କୁ ସେମାନଙ୍କର ଚିକିତ୍ସା ପ୍ରକ୍ରିୟା, ଚିକିତ୍ସା କରାଯାଇଥିବା ନିର୍ଦ୍ଦିଷ୍ଟ ରୋଗ ଏବଂ ଔଷଧୀୟ ଉପଚାର ପ୍ରସ୍ତୁତିରେ ବ୍ୟବହୃତ ଔଷଧୀୟ ବୃକ୍ଷ ରେକର୍ଡ କରିବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ । ବ୍ୟବସ୍ଥିତ ଦସ୍ତାବିଜୀକରଣ ଦ୍ୱାରା ବନ ବିଭାଗ ସହିତ ଉତମ ସମନ୍ୱୟ ରକ୍ଷା କରାଯାଇ ଆବଶ୍ୟକୀୟ ଔଷଧୀୟ ବୃକ୍ଷ, ମୂଳ, ପତ୍ର ଏବଂ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀକୁ ବର୍ଷସାରା ଆରୋଗ୍ୟକାରୀମାନଙ୍କୁ ଉପଲବ୍ଧ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ । ପାରମ୍ପରିକ ଔଷଧର ବିଶ୍ୱସ୍ତରୀୟ ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଚୀନ ଔଷଧୀୟ ବୃକ୍ଷ ଏବଂ ଔଷଧୀୟ ଉତ୍ପାଦ ରପ୍ତାନି କରି ପ୍ରଚୁର ଆୟ କରୁଛି । ଏ ଦିଗରେ ଭାରତ ଏହାର ସମୃଦ୍ଧ ଜୈବ ବିବିଧତା ଏବଂ ଦୃଢ଼ ପାରମ୍ପରିକ ଜ୍ଞାନ ହେତୁ ଏହି କ୍ଷେତ୍ରରେ ବିପୁଳ ସମ୍ଭାବନା ରଖିଛି ବୋଲି ରାଜ୍ୟପାଳ ଦୃଢୋକ୍ତି ପ୍ରକାଶ କରିଥିଲେ ଓ ଆଦିବାସୀ ଚିକିତ୍ସା ପଦ୍ଧତି ଉପରେ ଗବେଷଣା ଏବଂ ସ୍ୱଦେଶୀ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉପରେ ଆୟୁଷ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି ବୋଲି ମଧ୍ୟ ରାଜ୍ୟପାଳ କହିଥିଲେ ।

ଆଲୋଚନା ସମୟରେ ଆଦିବାସୀ ଆରୋଗ୍ୟକାରୀମାନେ ନିଜର ଅଭିଜ୍ଞତା, ଚିକିତ୍ସା ପଦ୍ଧତି ଏବଂ ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ବଜାୟ ରଖିବାରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁଧାକର ଶବର ଓ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସମ୍ବିଧାନ ଦିବସ ପାଳନ କଲା ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ପ୍ରତିବର୍ଷ ୨୬ ନଭେମ୍ବରକୁ 'ସମ୍ବିଧାନ ଦିବସ' ଭାବରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି । ଏହି ପାଳନର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ଗଭୀର ସଚେତନତା ସୃଷ୍ଟି କରିବା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭାରତର ସମ୍ବିଧାନ ପ୍ରସ୍ତାବନାର ସାମୂହିକ ପାଠ । ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ବିଭିନ୍ନ ଷ୍ଟେସନ ଏବଂ କାର୍ଯ୍ୟସ୍ଥଳରେ ନିୟୋଜିତ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ନିଜ ନିଜ ସ୍ଥାନରେ ପ୍ରସ୍ତାବନା ପାଠ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶକୁ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାରଣ କରିଥିଲେ ।

# ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ସାଧାରଣ ଜନତା, କୃଷକ, ଶ୍ରମିକ ଓ ଅସହାୟ ମଣିଷଙ୍କର ଉତ୍ଥାନ ପାଇଁ ଯେଉଁ କେତେଜଣ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କ ମଧ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଅନ୍ୟତମ । ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜନ କଲ୍ୟାଣର ନିରହଂକାର କର୍ମଯୋଗୀ ଓ ସମାଜ-ସଂସ୍କାରକ ଭାବେ ସାଧାରଣ ମଣିଷ ଓ ସମାଜର ନିମ୍ନବର୍ଗରେ ରହୁଥିବା ଲୋକମାନଙ୍କ ବିଶ୍ୱାସଭାଜନ ହୋଇ ପାରିଥିଲେ । ସେ ସରଳ ଜୀବନ, ପରୋପକାର, ଅନ୍ୟାୟର ପ୍ରତିବାଦ, ସଫଳ ସଂଗଠକ, ଜାତିଭେଦର ବିରୋଧ, ନିର୍ଭୀକତା ଇତ୍ୟାଦି ବିଶେଷଗୁଣର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେସନ୍ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଜନଗଣର ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ମାନବାଧିକାର କମିଶନ ସଦସ୍ୟ, ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି, ନ୍ୟାୟମୂର୍ତ୍ତି ଡ. ବି. ଆର ଷଡ଼ଙ୍ଗୀ କହିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଥିଲେ ଜନ କଲ୍ୟାଣର ନିରହଂକାର କର୍ମଯୋଗୀ । ସେ ଥିଲେ ଜନଗଣର ନେତା ଓ ସାଧାରଣ ମଣିଷର ବନ୍ଧୁ । ତାଙ୍କ ସମୟରେ ଗଠିତ ଜନତା ଜନାର୍ଦ୍ଦନ ଦରବାର ତାଙ୍କ ଦରଦୀ ହୃଦୟର ପ୍ରମାଣ ଦିଏ । ତାଙ୍କର ସମଗ୍ର ଜୀବନକାଳ ଲୋକସେବାରେ ସମର୍ପିତ ଥିଲା । ଜଣେ ଦକ୍ଷ ଛାତ୍ରସଂଗଠକ ଭାବେ ବିଚକ୍ଷଣ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିବା ବୀରେନ୍ ମିତ୍ର ପରବର୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତିକୁ ଏକ ନୂତନ ଦିଶା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟାବଳୀ ବେଶ ଉଲ୍ଲେଖଯୋଗ୍ୟ ଥିଲା । ତାଙ୍କର ଜନପ୍ରିୟତାକୁ ପ୍ରମାଣ କରି ସେ କଟକ ଆସନରୁ କ୍ରମାଗତ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇ ପାରିଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ବୀରେନ୍ ମିତ୍ର ସରଳ ଜୀବନ, ପରୋପକାର, ସଫଳ ସଂଗଠକ ଓ ନିର୍ଭୀକତା ପାଇଁ ତାଙ୍କୁ ଏ ଜାତି ସବୁଦିନ ପାଇଁ ମନେ ରଖିବ । ସେହିପରି ଭାରତୀୟ ସମ୍ବିଧାନକୁ "ଦେଶର ସର୍ବୋଚ୍ଚ ଆଇନ' ବୋଲି କହିବା ସହିତ ଏହାକୁ କେବଳ ଏକ ଆଇନର ପୁସ୍ତକ ଭାବେ ନୁହେଁ ବରଂ ଭାରତର ଗଣତନ୍ତ୍ର ଓଭାରତୀୟଙ୍କ ମୂଲ୍ୟବୋଧର ପ୍ରତୀକ ଭାବେ ଆମେ ସମସ୍ତେ ସମ୍ମାନ ଦେବା ଉଚିତ ବୋଲିନ୍ୟାୟମୂର୍ତ୍ତି ଡ଼ ଷଡ଼ଙ୍ଗୀ ପ୍ରକାଶ କରିଥିଲେ ।

# ଓଏଏସ୍ ଅଧିକାରୀଙ୍କ ସ୍ତରରେ ବଡଧରଣର ଅଦଳବଦଳ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସ୍ତରରେ ବଡଧରଣର ଅଦଳବଦଳ ହୋଇଛି । ଉଷାରାଣୀ ସାହୁ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି ଲୋପାମୁଦ୍ରା ମହାପାତ୍ର ରାଜ୍ୟ ମାଇନିଂ ବିଭାଗର ସିଭିଓ ହେଲେ ନାରାୟଣ ଚନ୍ଦ୍ର ଧଳ ଅନୁସୂଚିତ ଜନଜାତି ବିଭାଗର ଅତିରିକ୍ତ ସଚିବ ହେଲେ ଦେବେନ୍ଦ୍ର ନନ୍ଦ । ସେହିପରି ପ୍ରୀତିପର୍ଣ୍ଣା ମିଶ୍ର ରାଜସ୍ ବିଭାଗର ଡ଼େପୁଟି ସେକ୍ରେଟାରୀ ହୋଇଥିବାବେଳେବାଲେଶ୍ୱର ଜିଲ୍ଲାର ଡ଼ିଏଚ୍ଏଚ୍ ପ୍ରଶାସନିକ ଅଧିକାରୀ ହୋଇଛନ୍ତି ଅନିତା ନାୟକ ।

# ଓଡିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ



ଭୁବନେଶ୍ୱର, ୨୬।୧୧ (ସ୍ୱାଧିକାରନ୍ୟୁଜ): ଓଡିଶା ବିଧାନସଭାରେ ବୁଧବାର ପୂର୍ବାହ୍ନରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ରଞ୍ଜନ ଏକ୍କା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏବଂ ଉପସ୍ଥିତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଥିଲେ ।

# ବିଏମ୍‌ସିର ୩୬ତମ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମର ୩୬ ତମ ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତ ସାହୁ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ନଗର ଯନ୍ତ୍ରୀ ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକରଂଜନ ବେହେରା ପ୍ରମୁଖ ମଂଚାସୀନ ଥିଲେ । ଏହି ବୈଠକରେ ମୁଖ୍ୟତଃ ତିନୋଟି ଜୋନରେ ୩ଟି ଓଡିଏ କୋର୍ଟ ପ୍ରତିଷ୍ଠା କରିବା ପାଇଁ ଆଜିର ବୈଠକରେ ସ୍ଥିର କରାଯାଇଛି । ରାସ୍ତା ପାର୍ଶ୍ୱରେ ଲୋକମାନେ ଘର ତଳେ ଦୋକାନ ଖୋଲୁଛନ୍ତି । ଗ୍ରାହକମାନେ ଦୋକାନ ଆଗରେ ଗାଡି ରଖିବା ଫଳରେ ସେଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏପରିକି କିଛି ସଂସ୍ଥା ନିଜର ପାର୍କିଂ ଅଂଚଳ ବ୍ୟତୀତ ଅନ୍ୟସ୍ଥାନରେ ମଧ୍ୟ ପାର୍କିଂ କରାଉଛନ୍ତି । ଏହାକୁ ବ୍ୟବସ୍ଥିତ କରିବା ପାଇଁ ସର୍ଭେ କରାଯିବ ଏବଂ ଆବଶ୍ୟକ ହେଲେ ସଂପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଲୋଚନା କରାଯାଇଛି ।

ଦିନରେ ଯଦି କୌଣସି ଷ୍ଟ୍ରିଟ୍ ଲାଇଟ୍ ଜଳେ, ତେବେ ସଂପୃକ୍ତ ଏଜେନ୍ସିଠାରୁ ଜୋରିମାନା ଆଦାୟ କରାଯିବାକୁ ପ୍ରସ୍ତାବ ଆଗତ ହୋଇଛି । ଜବରଦଖଲ ସଂପର୍କିତ ତଥ୍ୟ ଜଣାଇବା ପାଇଁ ସମସ୍ତ କର୍ପୋରେଟରଙ୍କୁ ବ୍ଲିଇସ୍ ଆପ୍ ର ବ୍ୟବହାର ଏବଂ ଅଭିଯୋଗ କରିବା ସଂପର୍କରେ ତାଲିମ ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଥିଲା । ମହାନଗର ନିଗମ ଅଂଚଳରେ ପ୍ରମୁଖ ଭିତ୍ତିଭୂମି କାର୍ଯ୍ୟଗୁଡିକୁ ବର୍ଷା ଦିନ ପୂର୍ବରୁ ସାରିବା ସଂପର୍କରେ ମେୟର ପ୍ରସ୍ତାବ ଆଗତ କରିଥିଲେ । ୨୦୨୫ ଡିସେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ମଧ୍ୟରେ ସମସ୍ତ ସଂପୂର୍ଣ୍ଣ କାର୍ଯ୍ୟର ଉଦଘାଟନ ଏବଂ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ଆଲୋଚନା କରାଯାଇଛି । ତିନୋଟି ଜୋନରେ ହେବ ପଥ ଉତ୍ସବ । ସେଥିପାଇଁ ପ୍ରସ୍ତୁତି ଚାଲିଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ପରିମଳ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତି ମାସରେ ଭଲ କାର୍ଯ୍ୟ କରିଥିବା କର୍ମୀଙ୍କୁ ସମ୍ମାନିତ କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଏମ୍ ସି ଅଂଚଳରେ ଥିବା ହାଟଗୁଡିକର ବିକାଶ କରିବା, କର୍ପୋରେଟର, ଆମିନ ଓ ଇଂଜିନିୟରଙ୍କ ଉପସ୍ଥିତିରେ ୱାର୍ଡ ୱାରି ରାସ୍ତାର ଦୈର୍ଘ୍ୟ ମାପ କରିବା, ବିଏମ୍ ସି ଅଂଚଳରେ ପ୍ରଦର୍ଶନୀ, ଉତ୍ସବ, ସମ୍ମିଳନୀ ଆଦି ଆୟୋଜନ କରୁଥିବା ବିଭିନ୍ନ ବିଭାଗ, ଅନୁଷ୍ଠାନ, ସଂଗଠନଠାରୁ କାର୍ଯ୍ୟକ୍ରମ ଶେଷରେ କରାଯାଉଥିବା ସଫେଇ ପାଇଁ ୟୁଜରର୍ସ ଫି ଆଦାୟ କରିବାକୁ ମଧ୍ୟ ପ୍ରସ୍ତାବ ଆଗତ କରାଯାଇଛି । ଏହି ବୈଠକରେ ଆଗତ ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ଉପସ୍ଥାପନ କରାଯାଇଛି । ଏଥିରେ ବିଧାୟକଙ୍କ ପ୍ରତିନିଧି, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ବିଏମ୍ ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ।

# ରାଜ୍ୟର ପ୍ରତି ବ୍ଲକରେ ରାଜ୍ୟ କଂଗ୍ରେସ ଆନ୍ଦୋଳନ କରିବ : ଭକ୍ତ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପ ପରିସରରେ ଭାରତ ଯୋଡ଼ ଅଭିଯାନ ପକ୍ଷରୁ ଭାରତୀୟ ସମ୍ବିଧାନର ୭୬ତମ ପ୍ରଣୟନ ଦିବସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ଯୋଗ ଦେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ତଥା ବିଶିଷ୍ଟ ସମାଜବାଦୀ ନେତା ଡ଼ ସୁନୀଲମ କହିଲେ ଯେ, ଭାରତୀୟ ସମ୍ବିଧାନ ଆମ ସ୍ୱାଧୀନତା ଆନ୍ଦୋଳନର ଫଳଶ୍ରୁତି । ମହାତ୍ମା ଗାନ୍ଧୀ, ବାବାସାହେବ ଭୀମରାଓ ଆମ୍ବେଦକର, ପଣ୍ଡିତ ଜବାହରଲାଲ ନେହେରୁ ଆଦି ରାଷ୍ଟ୍ରୀୟ ନେତୃମଣ୍ଡଳୀ ଦୀର୍ଘ ବର୍ଷର ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁ ସବୁ ବିଷମତା ବିରୋଧରେ ଲଢୁଥିଲେ, ସେସବୁର ରକ୍ଷା ନିମିତ ଆମ ସମ୍ବିଧାନ ନିଜକୁ ଉତରଦାୟୀ କରି ପ୍ରଣୀତ ହୋଇଛି । ତେବେ ଦେଶରେ ରହିଥିବା ଫାଶୀବାଦୀ ନେତୃତ୍ୱ ଆମ ସମ୍ବିଧାନକୁ ବଦଳେଇ ଦେବା ନିମନ୍ତେ ଅହରହ ପ୍ରୟାସ ଜାରୀ ରଖିଛନ୍ତି ।



ପ୍ରଦେଶ କଂଗ୍ରେସ କିମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଏହି ଅବସରରେ ଯୋଗ ଦେଇ କହିଲେ ଯେ, ଆମ ଓଡ଼ିଶାରେ ଜନସଂଖ୍ୟାର ଚୌରାନବେ ଭାଗ ହେଉଛନ୍ତି ଦଳିତ, ଆଦିବାସୀ ତଥା ପଛୁଆ ବର୍ଗର । ଭାରତୀୟ ସମ୍ବିଧାନରେ ଏସମସ୍ତ ଜନଗଣଙ୍କୁ ଅଧିକାର ମିଳିବା ନିମନ୍ତେ ବ୍ୟବସ୍ଥା ଥିଲେ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ଏହି ପଛୁଆ ବର୍ଗର ଅଧିକାର କ୍ଷୁଣ୍ଣ କରିବା ନିମନ୍ତେ ଗଳାବାଟ ଦେଇ ନୀତି ବଦଳାଇବାରେ ଲାଗିଛନ୍ତି । ରାଜ୍ୟ କଂଗ୍ରେସ ସମ୍ବିଧାନ ବଂଚାଇବା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଆନ୍ଦୋଳନ କରିବ । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ ଯେ, ସମ୍ବିଧାନ ପ୍ରଣୟନ ସଭାରେ ଯେତେବେଳେ ପ୍ରତି ମଣିଷକୁ ଅଧିକାର ଦେବା ନିମନ୍ତେ କଂଗ୍ରେସ ଚର୍ଚ୍ଚା ଆଲୋଚନା କରୁଥିଲା, ସେତେବେଳେ ହିନ୍ଦୁ ମହାସଭା ଓ ଆରଏସଏସ ଭଳି ସଂଗଠନମାନେ ଗଣତନ୍ତ୍ର, ସମ୍ବିଧାନ, ସ୍ୱଧର୍ମ ସମଭାବ ତଥା ଭାଇଚାରା ବିଚାରକୁ ବିରୋଧ କରି ସାଧାରଣ ଲୋକଙ୍କୁ ପୁଣି ଅନ୍ଧକାର ଗହ୍ୱର ଭିତରକୁ ଠେଲିଦେବାକୁ ପ୍ରୟାସ ଚଳାଇଥିଲା । ଭାରତ ଯୋଡ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ରବି ଦାଶ, ସିପିଆଇଏମର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସର୍ବୋଦୟ ନେତା ସେକ ନାସିର ବକ୍ସ, ଜୟଦେବ ଜେନା, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅଜୟା ପାଶ୍ୱାନ, ଶିବାନନ୍ଦ ରାୟ, ସୁଧାଂଶୁ ଶେଖର ଦେଓ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଯୁବ ଗାନ୍ଧିବାଦୀ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଳ ରହିଲେ ସିନା ଦାୟିତ୍ୱ ନେବେ : ଜୟ ନାରାୟଣ

ଭୁବନେଶ୍ୱର, ୨୬।୧୧ (ମହାଭାରତ): ସୁଜାତା କାର୍ତିକେୟନ ବିଜେଡିର ନେତୃତ୍ୱ ନେବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର । ସେ କହିଛନନ୍ତି ସୁଜାତା ନେତା ନୁହଁନ୍ତି, ସେ ଆସିଲେ କଣ ହେବ । ବିଜେଡି ଆଉ ରହିବନି ତା କଥା ଆଲୋଚାନା କରିକି ଲାଭ କଣ । ଦଳ ରହିଲେ ସିନା ଦାୟିତ୍ୱ ନେବେ । ବିଜେପି ହ୍ୱିସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିବ, ୧୨ ଫାଳ ହୋଇଯିବ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାକୁ ୨୪ ବର୍ଷ ଶାସନ କଲା ପରେ ମଧ୍ୟ ବିଜେଡି ନିର୍ବାଚନରେ ୩ନଂ କୁ ଖସିଲା ।

## ଉତ୍ପାଦ ବୃଦ୍ଧି

ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତର ଅଭିବୃଦ୍ଧି ହାର ବିଶ୍ୱରେ ସର୍ବାଧିକ ରହିଛି। ଲଗାତର କିଛି ବର୍ଷ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ରହିଛି। ଏହାର ମୁଖ୍ୟ କାରଣ ହେଲା ଭାରତର କୃଷି ଉତ୍ପାଦନ। ଭାରତର କୃଷି ଉତ୍ପାଦନ ହେଉଛି ଏହାର ଶକ୍ତି ଏବଂ ସାମର୍ଥ୍ୟ। ସତୁରୀ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ପ୍ରଭାବରୁ ଭାରତରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଏହା ଆଭ୍ୟନ୍ତରୀଣ ଚାହିଦା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ନଚେତ ଆମେ କୃଷି ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ବି ଆମେ ଖାଦ୍ୟ ଉତ୍ପାଦନରେ ଶତ ପ୍ରତିଶତ ସ୍ୱାବଲମ୍ବୀ ହୋଇପାରିନାହୁଁ। ତେଣୁ ଦେଶରେ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି ବୋଲି ଅନେକ ମତପ୍ରକାଶ କରୁଛନ୍ତି। ଗତ ୭୮ ବର୍ଷ ଭିତରେ ଆମର ଖାଦ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି। କିନ୍ତୁ ଏହା ଆମ ଜନସଂଖ୍ୟା ତୁଳନାରେ ପର୍ଯ୍ୟାନ୍ତ ନୁହେଁ। ସ୍ୱାଧୀନତା ପରେ ଇତିମଧ୍ୟରେ ଜନସଂଖ୍ୟା ୪ଗୁଣ ବୃଦ୍ଧି ପାଇଛି। ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି। ଏବେ ଏହା ୧୪୦ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ବାସ୍ତବରେ ଏକ କଠିନ ବ୍ୟାପାର। ଆମେ ଗହମ ଓ ଚାଉଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛୁ। କିନ୍ତୁ ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନୁ। ଫଳ ଓ ପନିପରିବା ଉତ୍ପାଦନ ୧୪୦ କୋଟି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଆମକୁ ଅନେକ ସମୟରେ ଏହାର ଆବଶ୍ୟକତା ପୂରଣ ନିମନ୍ତେ ବିଦେଶରୁ ଏସବୁ ସାମଗ୍ରୀ ଆମଦାନୀ କରିବାକୁ ପଡ଼ିଥାଏ। ବିଦେଶରୁ ଆମଦାନୀ ନହୋଇପାରିଲେ ଏଠାରେ ଅଭାବ ଓ ଦର ବୃଦ୍ଧି ହୋଇଥାଏ। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରେ ଖାଇବା ତେଲର ଅଭାବ ଓ ଦରବୃଦ୍ଧି ଏହାର ଏକ ଉଦାହରଣ। ଗତ ଏପ୍ରିଲ ମାସରେ ଭାରତରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ଯୋଗୁ ଗହମ ଉତ୍ପାଦନ ୨୦% ହ୍ରାସ ପାଇଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବା ସହ ଅନେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ବା ବର୍ଷାରେ ଅନିୟମିତତା ଦେଖା ଦେଇଛି। ତେଣୁ ଏଥର ଧାନଚାଷ ୬ ପ୍ରତିଶତ କମ ଜମିରେ ହୋଇଛି। ସେପଟେ କେତେକ ସ୍ଥାନରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଛି। ଏସବୁକ ବିଚାର କଲେ ଚଳିତ ବର୍ଷ ଦେଶରେ ଖରିଫ ଫସଲ ବିଶେଷ କରି ଧାନ ଉତ୍ପାଦନ ଅତି କମରେ ୧୦ ପ୍ରତିଶତ କମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଗତ ମେ’ ମାସରେ ଗହମ ଏବଂ ଜୁଲାଇରେ ଅଟା ଓ ସିମେଇ ରପ୍ତାନୀ ଉପରେ କଟକଣା ଲାଗୁ କରିଛନ୍ତି। ସେହିପରି ଭଙ୍ଗା ଚାଉଳ ରପ୍ତାନୀକୁ ମଧ୍ୟ ବନ୍ଦ କରାଯାଇଥିବା ବେଳେ ଅଣବାସମତି ଚାଉଳ ରପ୍ତାନୀ ଉପରେ ୨୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତେଣୁ ଭାରତରୁ ଚାଉଳ ରପ୍ତାନୀ ହ୍ରାସ ପାଇଛି। ଡବ୍ଲ୍ୟୁଟିଓରେ ଭାରତର ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ଖାଦ୍ୟ ରପ୍ତାନୀ ଉପରେ କଟକଣା ଜାରି କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଜଟିଳ ହେବ ବୋଲି ଅନେକ ଆଶଙ୍କା ବ୍ୟକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ଭାରତକୁ ଦୋଷ ଦେବା ଅନ୍ୟାୟ ହେବ। ଭାରତ ସରକାର ନିଜ ଦେଶର ନାଗରିକଙ୍କ ସ୍ୱାର୍ଥ ବିଷୟରେ ପ୍ରଥମେ ଚିନ୍ତା କରିବାରେ କିଛି ଭୁଲ ନାହିଁ। ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ଏତେ ସହଜ ନୁହେଁ। ଆମେରିକା ଭଳି ଏକ ଧନୀ ରାଷ୍ଟ୍ର ମଧ୍ୟ ଏଭଳି ପରିସ୍ଥିତିରେ ହାର ମାନିଯିବ। ତେଣୁ ରପ୍ତାନୀ ବନ୍ଦ ପାଇଁ ଭାରତକୁ ଦୋଷ ଦିଆଯାଇପାରିବ ନାହିଁ। ଭାରତ ସରକାରଙ୍କ କହିବା କଥା ହେଲା ଦେଶରେ ଗହମ ଓ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେଣୁ ବ୍ୟସ୍ତ ବିବ୍ରତ ହେବାର କିଛି କାରଣ ନାହିଁ। କିନ୍ତୁ ଅନ୍ୟ ପକ୍ଷରେ ଭାରତ ଗହମ, ଚାଉଳ ଓ ଅନ୍ୟ କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ। ଏହା ବି ଜରୁରୀ। କାରଣ ଏହି ଅର୍ଥରେ ଆମକୁ ଅଶୋଧିତ ତୈଳ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ପଡୁଛି। ଔଷଧ, ସାର, କୋଇଲା କିଣିବାକୁ ପଡୁଛି। ଏହା ବି ଜରୁରୀ। ମୋଟ ଉପରେ କହିଲେ ନିଜର ଆବଶ୍ୟକତା ପୂରଣ କରି ଭାରତକୁ କିଛି ଖାଦ୍ୟ ସାମଗ୍ରୀ ରପ୍ତାନୀ କରିବାକୁ ପଡ଼ିବ। ସାଉଦୀଆରବ, ୟୁଏଇ, ଓମାନ, କାତାର ଭଳି ଅନେକ ରାଷ୍ଟ୍ର ଯେଉଁଠି ଖାଦ୍ୟ ଉତ୍ପାଦନ କମ ରହିଛି ବା ନାହିଁ କହିଲେ ଚଳେ ସେମାନେ ଭାରତକୁ ତେଲ ଦେଉଛନ୍ତି, ପ୍ରତିବଦଳରେ ଖାଦ୍ୟ ନେଉଛନ୍ତି। ଏହା ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଲାଗି ଜରୁରୀ। ଅନ୍ୟ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରକ୍ଷା କୂଟନୈତିକ ଓ ଆର୍ଥିକ ଦୃଷ୍ଟିରୁ ଜରୁରୀ। ନିଜ ପଡ଼ୋଶୀ ଏବଂ ବନ୍ଧୁ ରାଷ୍ଟ୍ରଙ୍କୁ ସହାୟତା କରିବା ମଧ୍ୟ ଜରୁରୀ। ଏଭଳି ପରିସ୍ଥିତିରେ ଭାରତକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଜରୁରୀ। ଭାରତର ୧୪୦ କୋଟି ଲୋକ ହୋଇଥିବା ବେଳେ ଆମକୁ ଦେଢ଼ ଶହ କୋଟି ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। ତା ଛଡ଼ା ଭାରତରେ ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ବା ରିହାତିରେ ଚାଉଳ ଏବଂ ଗହମ ଦିଆଯାଉଛି। ଏଥିପାଇଁ ମଧ୍ୟ ପ୍ରଚୁର ପରିମାଣରେ ଖାଦ୍ୟ ଶସ୍ୟର ଆବଶ୍ୟକତା ରହିଛି। ଏସବୁକୁ ବିଚାର କଲେ ଆମକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଆବଶ୍ୟକ। ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହେଲା କୃଷି। ପ୍ରାକୃତିକ ବିପର୍ଯ୍ୟୟ, ଅସ୍ୱାଭାବିକ ପାଣିପାଗ ସବୁ ବର୍ଷ ହେବ। ଏହା ସତ୍ତ୍ୱେ ଆମକୁ ବଳକା ହେଲା ଭଳି ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। କେବଳ ଉତ୍ପାଦନ କରିଦେଲେ ହେବ ନାହିଁ, ଏହାର ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରିବାକୁ ପଡ଼ିବ। ଭାରତରେ ଅନେକ ଗରିବ ଅଛନ୍ତି, ଧନୀ ମଧ୍ୟ ଅଛନ୍ତି। ତେଣୁ ଖାଦ୍ୟର ସୁଷମ ବଣ୍ଟନ ସହିତ ଗୋଟିଏ ହେଲେ ଦାନା ଯେପରି ନଷ୍ଟ ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଭାରତରେ ପ୍ରତିବର୍ଷ ଯେତିକି ଖାଦ୍ୟ ସାମଗ୍ରୀ ନଷ୍ଟ ହୁଏ ତାହା ପୁରା ଅଷ୍ଟ୍ରେଲିଆର ଅଧିବାସୀଙ୍କ ଖାଦ୍ୟ ବ୍ୟବହାରଠାରୁ ଅଧିକ। ଏସବୁ ଲାଗି ତତ୍କାଳ ଏବଂ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। କେବଳ ଉତ୍ପାଦନ ବୃଦ୍ଧି ଯଥେଷ୍ଟ ନୁହେଁ, ଏହାର ସୁଷମ ବଣ୍ଟନର ମଧ୍ୟ ଆବଶ୍ୟକତା ରହିଛି। ସୁଷମ ବଣ୍ଟନ ଅଭାବରୁ ଆମର ବିପୁଳ ପରିମାଣର ଖାଦ୍ୟ ନଷ୍ଟ ହେଉଛି ଏବଂ ଅନେକ ଅନାହାରରେ ରହୁଛନ୍ତି। ଯଦି ଉତ୍ପାଦିତ ଖାଦ୍ୟର ସୁଷମ ବଣ୍ଟନ ହୋଇପାରନ୍ତା ତେବେ ଆଉ କେହି ଦେଶରେ ଅନାହାରରେ ରହନ୍ତେ ନାହିଁ। ଏହା ସହିତ ଦରବୃଦ୍ଧିକୁ ମଧ୍ୟ ରୋକାଯାଇପାରନ୍ତା। ଏ ଦିଗରେ ଯୋଜନାକାରୀମାନେ ଦୃଷ୍ଟି ଦେବେ ବୋଲି ଆଶା।

## ଅସମାପ୍ତ

### ଡକ୍ଟର ନାରାୟଣ ବାରିକ୍

ଘର ଛାଡ଼ି ଆସିବା ଦିନ ବାପା ଡିନାକୁ କହିଥିଲେ-ହଉ ମା’ ! ତୁ ସେ ପୁଅକୁ ଭଲ ପାଇ ଆମ ସମସ୍ତଙ୍କୁ ପଛ କରି ଚାଲିଯାଉଛୁ, ପୁଣି କେବେ ଘରମୁହାଁ ହୋଇ ଆମ ଫାଖକୁ ଆସିବୁନି।

ତଥାପି ନିଜ ନିଷ୍ପତ୍ତିରେ ଅଟଳ ରହି ଡିନା ଘରର ମୋହ ସେଦିନ ତୁଟାଇ ଦେଇଥିଲା। ବାପା ପଇସା ଖର୍ଚ୍ଚ କରି ବି.ଏ. ପଢ଼ାଇଥିଲେ। ତା’ପରେ ଶିକ୍ଷକତା ପ୍ରତି ମନରେ ଆଗ୍ରହ ଆସିବାରୁ ଡିନା ସି.ଟି. ଟ୍ରେନିଂ ସମାପ୍ତ କରି ବାଲେଶ୍ୱରର ଏକ ପ୍ରାଥମିକ ସ୍କୁଲ୍‌ରେ ଯୋଗଦେଲା।

ସମୟକ୍ରମେ ବାଲେଶ୍ୱର ଡି.ଇ.ଓ. ଅଫିସରେ ସେଦିନ ପ୍ରଭାସ ଦେଖା ହୋଇଥିଲା। ପ୍ରଭାସର ଜଣେ ସମ୍ପର୍କୀୟା ଭଉଣୀଙ୍କ ର୍‌ୟାଙ୍କ ତଳକୁ ଡିନାର ନାମ ଥିଲା। ଡିନା ସେହି ପ୍ରୀତିପ୍ରଭାସହ କଥା ହେବାରୁ ଜାଣିଥିଲା, ପ୍ରୀତିପ୍ରଭାର ସି.ଟି. ପୋଷ୍ଟିଂ ପାଇଁ ଲିଷ୍ଟରେ ତା’ର ନାମ ଥିଲେ ବି, ସେ ବି.ଇଡି. କରିବାର ଇଚ୍ଛା ନେଇ ଏ ଲିଷ୍ଟ୍‌ରେ ତା’ର କ୍ରମିକ ନାମକୁ ଏଡ଼େଇ ଯାଇଥିଲା। କିନ୍ତୁ ତା’ର ଭାଇ ପ୍ରଭାସ ଯେତେ ବୁଝାଇଲେ ବି ପ୍ରୀତିପ୍ରଭା କୌଣସି ମତେ ରାଜି ହୋଇ ନଥିଲା।

ଡିନା ପ୍ରୀତିପ୍ରଭାବକୁ କହିଥିଲା, ଚାକିରିରେ ଜଏନ୍ କରି ଇଗ୍ନୋ ମାଧମେର ବି.ଇଡି. କରିହେବ। ତେଣୁ ବର୍ତ୍ତମାନ ସମୟରେ ଚାକିରିଟିଏ ପାଇବା କେତେ କଷ୍ଟ ସେହିଦୃଷ୍ଟିରୁ ପ୍ରୀତିପ୍ରଭା ଏ ସୁଯୋଗକୁ ହାତଛଡ଼ା କରିବା ଅନୁଚିତ।

ପ୍ରଭାସ ରେଭେନ୍ସାରେ ଏମ୍.ଏସ୍.ସି. ଫାଷ୍ଟ୍ ଇଅରରେ ଆଡ୍‌ମିସନ କରିଥିଲା। ଆର୍ଥିକ ସ୍ୱଚ୍ଛଳତା ପରିବାରରେ ଠିକ୍ ନ ଥିବାରୁ ସାନ ଭଉଣୀଟା ଚାକିରିରେ ଜଏନ୍ କଲେ ସେ ହୁଏତ ପିଜି ଶେଷ କରିପାରିବ।

ସବୁ ଅନୁରୋଧକୁ ପ୍ରୀତିପ୍ରଭା ଏଡ଼େଇ ଯାଇଥିଲେ ବି, ପ୍ରଭାସକୁ ଡିନା ସବୁ ପ୍ରତିବନ୍ଧକ ସତ୍ତ୍ୱେ ଏମ୍.ଏସ୍.ସି କରିବାକୁ ପ୍ରୋତ୍ସାହିତ କରିଥିଲା।

ଡିନା ସେବଠୋରୁ ଏଭଳି ପ୍ରତିଭାଧର ପିଲାଟି ପ୍ରତି ଅନୁରକ୍ତି ପ୍ରକାଶ କରିଥିଲା। ପ୍ରଭାସ ସହ କ୍ରମଶଃ ଡିନାର ସମ୍ପର୍କ ଏପରି ଘନିଷ୍ଠ ହୋଇଗଲା ଯେ, ପ୍ରଭାସର ଦୁଇବର୍ଷ ଫିଜିକ୍‌ସ ପିଜି କୋର୍ସକୁ ତ୍ୱରାନ୍ୱିତ କରିବାକୁ ଡିନା ସମସ୍ତ ପ୍ରୟାସ ଜାରି ରଖିଲା।

ଡିନା ସମୟର ଚୌହଦି ଭିତରେ ବ୍ୟସ୍ତ ରହି ଏଜୁକେଶନରେ ଡିଷ୍ଟାନ୍‌ସ ଏମ.ଏ. ସମାପନ କଲା। ସେଦିନ ଏଜୁକେଶନ- ଏମ୍.ଫିଲ କ୍ଲାସରେ ପିଲାମାନଙ୍କ ସହ ପରିଚୟ ପ୍ରଦାନ ପ୍ରସଂଗରେ ଡିନାର ନାମ ‘ଡିନା ଡଲଫିନା’ ଜାଣିବାକୁ ପାଇଲି। ଏପରି ଏକ ନାଁକୁ ମୁଁ ବେଳେବେଳେ ଭୁଲି ଯାଉଥିଲି। ଜାଣିବାକୁ ପାଇଲି ଡିନା ଜଣେ ଖ୍ରୀଷ୍ଟିୟାନ୍ ପରିବାରର ଝିଅ ହୋଇଥିବାରୁ, ତା’ର ନାମ ଏପରି ବାପା ଏଷ୍ଟର ଅଲିନ୍ ରଖିଛନ୍ତି। ଯୁବକ ବୟସରେ ତା’ର ବାପା ତା’ର ମା’ ବୀଥିକା ବାନାର୍ଜୀକୁ କଲିକତାରେ ପ୍ରେମ ବିବାହ କରିଥିଲେ। ପରେ ମା’ ମଧ ଖ୍ରୀଷ୍ଟିୟାନ ହୋଇ ଯାଇଥିଲେ।

ବାପା, ମା’ଙ୍କର ଡିନା ଏକମାତ୍ର ସନ୍ତାନ। ଅଚଳାଚଳ ସମ୍ପତ୍ତି ବାପାଙ୍କର। ଅତି ଅଲିଅଳରେ ଡିନା ପିଲାଟି ବେଲୁ ବଢ଼ିଥିଲା। ପ୍ରାଥମିକ ବିଦ୍ୟାଳୟରେ ଚାକିରି କରି ମଧ ପାଠ ପଢ଼ାର ମୋହକୁ ଡିନା ଏଡ଼ାଇ ପାରି ନଥିଲା। ଏମ୍.ଫିଲ୍ ପରେ ଡିନା ମୋ ତତ୍ତ୍ୱାବଧାନରେ ପି.ଏଚ୍.ଡି. ରେଜିଷ୍ଟ୍ରେସନ୍ କଲା।

ଇତିମଧରେ ପ୍ରଭାସ ଫିଜିକ୍‌ସରେ ପିଜି ଶେଷ କରି ଦାର୍ଜିଂଲିର ଏକ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଜଏନ୍ କଲା।

ପିଏଚ୍.ଡିରେ ଯେତିକ ସମ୍ପୃକ୍ତି ଦେଖାଇବା କଥା ଡିନା ତାହା ଦେଖାଇଲା ନାହିଁ। ପ୍ରତି ଛଅ ମାସରେ ଯେଉଁ ପ୍ରୋଗ୍ରେସ ରିପୋର୍ଟ ୟୁନିଭରସିଟିରେ ଦାଖଲ କରିବା କଥା, ତାହା କଲାନାହିଁ। ମୁଁ ଜାଣିଥିଲି ଡିନା ଜଣେ ସିନ୍‌ସିୟର ଝିଅ। ତେଣୁ ଠିକ୍ ସମୟରେ ପି.ଏଚ୍‌ଡି. କାମ ସାରିଦେଲେ, ପି.ଏସ୍.ସି ପରୀକ୍ଷା ଦେଇ କଲେଜରେ ଜଣେ ଅଧ୍ୟାପିକା ହୋଇପାରିବ।ଡିନାର ପ୍ରୋଗ୍ରେସ ରିପୋର୍ଟର ମନ୍ଥରତା ପାଇଁ ମୁଁ ବ୍ୟସ୍ତ ହୋଇଗଲି। ୟୁନିଭରସିଟିରେ ପ୍ରୋଗ୍ରେସ୍ ରିପୋର୍ଟ ଦାଖଲ ନ କରିବାରୁ, କଣ୍ଟ୍ରୋଲର ଡିନା ବାବଦରେ ଥରେ ବା ଦୁଇଥର କଥା ହୋଇ ଅସୁବିଧାଟା ମୋଠାରୁ ଜାଣିବାକୁ ଚାହିଁଲେ। ହଠାତ୍ ଦିନେ ଡିନା ତା’ ମାଆଙ୍କ ସହ ମୋ ବାସଭବନରେ ପହଞ୍ଚିଗଲା। ପିଏଚ୍.ଡି.ର ଅବହେଳା କାହିଁକି ହେଉଛି, ସେ ସମ୍ପର୍କରେ ଡିନାଠାରୁ ପଚାରି ବୁଝିଲି।ପ୍ରଭାସ ସହ ଏ ଭିତରେ ଡିନାର ବିବାହ ହୋଇ ଯାଇଥିଲା ଏକ ମନ୍ଦିରରେ। ପ୍ରଭାସ ଥିଲା ନୈଷ୍ଠିକ ହିନ୍ଦୁ ପରିବାର ଓ ବ୍ରାହ୍ମଣ କମ୍ୟୁନିଟିର ପିଲା ଏବଂ ଡିନା ଖ୍ରୀଷ୍ଟିୟାନ ପରିବାରର। ଉଭୟ ପରିବାର ସହମତ ନ ଥିଲେ ବି ଏମାନେ ମନ୍ଦିରରେ ବିବାହ କରିନେଲେ। ପ୍ରଭାସର ପରିବାର ତରଫରୁ ବିବାହ ପରେ ତୀବ୍ର ପ୍ରତିବାଦ ହେଲା। ତେଣୁ ପ୍ରଭାସ ଓ ଡିନାକୁ ନେଇ ପରିବାର ଲୋକେ ପୁରୀ ଶ୍ରୀମନ୍ଦିର ଯାଇ ମୁକ୍ତି ମଣ୍ଡପରେ ଡିନାକୁ ହିନ୍ଦୁଧର୍ମ ଗ୍ରହଣ କରିବାକୁ ବାଧ କଲେ। ପୁରୀରୁ ଫେରି ଡିନା ମୋତେ କହିଥିଲା- ସାର୍- ମୁଁ ଯେହେତୁ ଖ୍ରୀଷ୍ଟିୟାନ ପରିବାରର ପିଲା ମୋର ହିନ୍ଦୁ ଧର୍ମ ସମ୍ପର୍କରେ କିଛି ଧାରଣା ନାହିଁ। ତେଣୁ ମୁଁ ସେମାନଙ୍କୁ କହିଲି- ମୋତେ ପନ୍ଦରଦିନ ସମୟ ଦିଅନ୍ତୁ। ହିନ୍ଦୁ ଧର୍ମର ବିଧିବିଧାନ ସମ୍ପର୍କରେ ଜାଣିବା ପରେ ମୋର ମତାମତ ଦେବି।ପ୍ରଭାସର ପରିବାର ଲୋକେ କୌଣସି ମତେ କିଛି କଥା ନ ଶୁଣି, ଧର୍ମ ବଦଳାଇବାକୁ ବାଧକଲେ। ଏ ସମସ୍ତ କଥାକୁ, ଡିନା ପୁରୀ ମୁକ୍ତି ମଣ୍ଡପର ପଣ୍ଡିତମାନଙ୍କୁ ଅନୁନୟ ବିନୟ ହୋଇ ବୁଝାଇଦେବାରୁ, ସେମାନେ ଏହି ପ୍ରକାର ଧର୍ମ ପରିବର୍ତ୍ତନକୁ ଗ୍ରହଣ କଲେନାହିଁ। ବିବାହ ପରେ ଡିନା ବାଲେଶ୍ୱରରେ ଘର ଭଡ଼ା ନେଇ ରହିଲା ଓ ଶାଶୁଘର ସହ କିଛି ସମ୍ପର୍କ ରଖିଲାନି। ଏହାସତ୍ତ୍ୱେ ପ୍ରଭାସ ସବୁକଥା ଜାଣି ସୁଦ୍ଧା ଡିନାକୁ ସମର୍ଥନ ଦେଲା ଓ ତା’ର ବାଲେଶ୍ୱର ରେସିଡେନ୍‌ସିକୁ ଯିବା ଆସିବା କଲା।

ଡିନା ଅନ୍ତଃସତ୍ତ୍ୱା ହେବାପରେ ପ୍ରଭାସ ପରିବାର ଲୋକେ ତାକୁ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ। ସେମାନଙ୍କୁ ସମର୍ଥନ ଦେଲା ପ୍ରଭାସ। ଏ ପ୍ରକାର ସମ୍ବାଦକୁ ସେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲା।

ମୁଁ ଓ ମୋର ମିସେସ୍ ଆମ ଭୁବନେଶ୍ୱର ରେସିଡେନ୍‌ସକୁ ଉଭୟଙ୍କୁ ଡାକି ଅନେକ ବୁଝାଇଲୁ। ଭସା ବାଦଲ ପରି ପ୍ରଭାସ ମନରେ ଏସବୁ କଥା ଦିଗହରା ହୋଇଗଲା।କ୍ରମେ ଡିନା ଏକ ପୁତ୍ର ସନ୍ତାନର ଜନନୀ ହେଲା। ପ୍ରଭାସକୁ ପିଲାଟିର ଜନ୍ମ ସାର୍ଟିଫିକେଟରେ ତା’ ନାମ ବସାଇବାକୁ ଅନୁରୋଧ କଲା ପରେ, ସବୁ ପ୍ରଚେଷ୍ଟା ଡିନାର ପ୍ରସ୍ତର ଦେହରେ ମୃତ୍ତିକାର ଆଘାତ ପରି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା, ପ୍ରଭାସ ଡିଭର୍ସ ଦେବା ପାଇଁ କୋର୍ଟର ଆଶ୍ରୟ ନେଲା। ସବୁକିଛି ବିଫଳ ହେବାପରେ ଡିନା ଦିନେ ତା’ର ବାଲେଶ୍ୱର ବାସଭବନକୁ ତା’ର ମା’ ବୀଥିକା ଦେବୀଙ୍କୁ ଡାକି ସବୁ କଥା ବର୍ଣ୍ଣନା କରି କହିଲା। ବାପାଙ୍କର ନିଷ୍ଠୁର ନିଷ୍ପତ୍ତି ସତ୍ତ୍ୱେ ବୀଥିକା ଦେବୀ ବାଲେଶ୍ୱର ଆସି ଶିଶୁଟିର ଦେଖାଶୁଣା କରି ନିଜ ଘରକୁ ଫେରି ଯାଉଥିଲେ।ମୋର ଟ୍ରାନ୍‌ସଫର ଇତି ମଧ୍ୟରେ ବାରିପଦା ୟୁନିଭରସିଟିରୁ ହୋଇଯିବାରୁ ମୁଁ ଡିନାର ପିଏଚ୍.ଡି. ତତ୍ତ୍ୱାବଧାରକ ଭାବେ ଯଥାଯଥ ସମୟ ଦେଇ ପାରିଲିନି। ବସ୍ତୁତଃ, ଏଥିପାଇଁ ମୋ ତରଫରୁ କୌଣସି ଅବହେଳା ନଥିଲେ ବି, ଦୁଇଟି ପରିବାରର ନିଷ୍ପତ୍ତି ଓ ନିଜର ଶିଶୁ ସନ୍ତାନ ଭବିଷ୍ୟତକୁ ନଜର ରଖି ଡିନାର କ୍ରମଶଃ ପିଏଚ୍.ଡି. କାମ ନିଷ୍ପ୍ରଭ ହୋଇ ଯାଉଥିଲା।ବାପା ଏଷ୍ଟର ଅଲିନ ଏବଂ ମା’ ବୀଥିକା ବାନାର୍ଜୀଙ୍କ ପିଛିଲା ଦିନରେ କଲିକତା ସହରରେ ଡିନାକୁ ନେଇ ଦେଖିଥିବା ସ୍ୱପ୍ନ ଦିନେ ଏପରି ରୂପ ନେବ, ଉଭୟ ବୁଝି ପାରିନଥିଲେ। ମା’ଙ୍କ ଅନୁରୋଧରେ ବାବା ସବୁ କୋହକୁ ଏଡ଼େଇ ଡିନାର ସେଦିନର ଅପାଶୋରା କାହାଣୀକୁ ଆଉ ରୂପ ଦେଲେନି। ଏକ ନିଷ୍କଳଙ୍କ ଶିଶୁର ଭାଗ୍ୟାକାଶରେ ଦିନରେ ସୂର୍ଯ୍ୟଙ୍କର ଜ୍ୟୋତି ଏବଂ ରାତ୍ରିରେ ଚନ୍ଦ୍ରର ଶୀତଳ କିରଣର ସ୍ପର୍ଶକୁ ସେ ବେଶ୍ ପଢ଼ି ପାରୁଥିଲେ। ତେଣୁ ସମାଜର ଅର୍ଗଳିକୁ ଏଡ଼େଇ ଯିବାକୁ ଏଷ୍ଟର ଆଲିନ ନିଜର ନାମ ବସାଇ ଜନ୍ମ ପ୍ରମାଣପତ୍ରରେ ଏକ ଅସମାପ୍ତ ଛନ୍ଦର ପ୍ରତିଶ୍ରୁତିକୁ ସମୟ ବକ୍ଷରେ ସ୍ୱୀକାରୀ ନେଲେ।


ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ,
ଶିକ୍ଷକ-ଶିକ୍ଷା ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ବିଦ୍ୟା ବିହାର, ଭୁବନେଶ୍ୱର-୨୨
ମୋବାଇଲ: ୯୩୪୮୯୪୮୫୪୭


## ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା

### ଡକ୍ଟର ତପନ କୁମାର ପାଲ

ଭଗବାନ ଶ୍ରୀକୃଷ୍ଣ ଲୀଳାମୟ । ସେ ଦ୍ୱାପର ଯୁଗରେ ନର ଦେହ ଧାରଣ କରି ମଥୁରାର କଂସର ବନ୍ଦୀଶାଳରେ ଜନ୍ମ ଗ୍ରହଣ କରିଥିଲେ । ଯୁଗେ ଯୁଗେ ଭଗବାନ ଅନ୍ୟାୟ, ଅତ୍ୟାଚାର ବିଲୋପ ସାଧନ କରି, ଦୁଷ୍ଟମାନଙ୍କୁ ନିଧନ କରି ଧର୍ମର ପ୍ରତିଷ୍ଠା କରିବା ପାଇଁ ଆବର୍ତ୍ତନ ହୋଇଥାନ୍ତି । ଶ୍ରୀକୃଷ୍ଣଙ୍କୁ ସମଗ୍ର ମାନବ ସମାଜ ବୁଝିପାରୁନଥିଲେ ଯେ ସେ କେତେ କ୍ଷମତାଶାଳୀ, ଗୁଣବନ୍ତ, ସ୍ୱୟଂକର୍ତ୍ତା । ସେ ପୁଣି ଏତେ ଚପଳ, ଏତେ ସରଳ, ଏତେ ବିପୁଳ ଯାହାକୁ ଭେଦ କରିବାକୁ ସାହାସ କାହାର ନାହିଁ ।

ସେ ଯେ ଅର୍ନ୍ତଜ୍ୟାମୀ, ସମସ୍ତଙ୍କର ଅନ୍ତରର କଥା ବା ବେଦନା ଜାଣନ୍ତି । ସେ ଭକ୍ତର ଭାବକୁ ଗ୍ରହଣ କରି ଯେପରି ଭାବଗ୍ରାହୀ ବୋଲାନ୍ତି । ଅଶରଣ ଜନଙ୍କୁ ଶରଣଦେଇ ସେହିପରି ନାମ କହିଛନ୍ତି ଶରଣରକ୍ଷଣ ମହାବାହୁ । ଦୁଃଖିର ଦୁଃଖ ନାସନ କରି ତାକୁ ଇହ ଓ ପରକାଳରେ ସୁଖି କରିଥାନ୍ତି । ଭକ୍ତଜନମାନେ ଦୁଃଖ ଯାଜନାରେ ପଡ଼ି ଯିଏ ଆତୁର ଭାବେ ବା କାକୁସ୍ତଭରା ହୋଇ ଡାକିଛି ବା ଶରଣ ପଶିଛି, ତାର ଦୁଃଖ ଗୁହାରୀ ଶୁଣନ୍ତି, ଗୁହାରି ଶୁଣିବାରେ କେବେହେଲେ ବିମୁଖ ହୋଇନାହାନ୍ତି । ଏପରିକି କୁରୁ-ପାଣ୍ଡବଙ୍କ ଭାତୃବିବାଦରେ ପାଣ୍ଡବମାନଙ୍କର ସପକ୍ଷରେ ରହି ଧର୍ମରାଜ ଯୁଧିଷ୍ଠିରଙ୍କର ସ୍ନେହୀ ତଥା ଅତିପ୍ରିୟଭାଜନ ହୋଇ ଦୁର୍ଯ୍ୟୋଧନର ଶହେ ଭାଇଙ୍କୁ କୁଟ କରି ବିନାଶ କରି ଧର୍ମସଂସ୍ଥାପନ କରିଥିଲେ । ଏହାର ପ୍ରମାଣମାନ ଯୁଗେ ଯୁଗେ ସ୍ୱୀକୃତି ଲାଭ କରି ଆସିଛି ଧର୍ମଶାସ୍ତ୍ରରେ ମଧ ଲିପିବଦ୍ଧ ହୋଇଛି ।

ଦୁର୍ଯ୍ୟୋଧନର କୁରୁସଭାରେ ଯେତେବେଳେ ଦୁଃଶାସନ ସତୀ ଦୌପଦୀଙ୍କୁ ବିବସନ କଲାବେଳେ ସେତେବେଳେ ଦୃପଦନନ୍ଦିନୀ ସଖା ଶ୍ରୀକୃଷ୍ଣଙ୍କୁ ନାରୀର ମାନମହତ୍ତ୍ୱ ରକ୍ଷା କରିବା ପାଇଁ ଆକୁଳ ନିବେଦନ କରିଥିଲେ ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣ ଦୌପଦୀଙ୍କୁ ପଞ୍ଚାବନ କୋଟି ବସ୍ତ୍ର ଦେଇ ତାଙ୍କର ଲଜ୍ଜା ନିବାରଣ କରିଥିଲେ । ମହାଭାରତ ଯୁଦ୍ଧ ଚାଲିଥାଏ, ବୀର ଅର୍ଜ୍ଜୁନଙ୍କର ରଥର ସାରଥି ଶ୍ରୀକୃଷ୍ଣ । ଘମାଘୋଟ ଯୁଦ୍ଧରେ ହଠାତ୍ ଅର୍ଜ୍ଜୁନଙ୍କର ବାଣରେ କର୍ଣ୍ଣଙ୍କର ରଥ କେତେ କୋଶବାଟ ପଛକୁ ଘୁଞ୍ଚିଗଲା କର୍ଣ୍ଣ-ଅର୍ଜ୍ଜୁନ ଯୁଦ୍ଧରେ ଏକୁଆରେକ ବଳିଆର । ଏଥର କର୍ଣ୍ଣଙ୍କ ପକ୍ଷରୁ ଗର୍ଜନ କରି ତୀବ୍ରବାଣ ପ୍ରୟୋଗ ହେଲା । କର୍ଣ୍ଣ ଓ ଅର୍ଜ୍ଜୁନଙ୍କର ଏହି ପ୍ରତ୍ୟାକ୍ରମଣ କ୍ଷମତାକୁ ଦୁର୍ବଳ ମନେକରି ଉପହାସ ଆରମ୍ଭ କରିବା ପୂର୍ବରୁ ତାଙ୍କ ରଥର ସାରଥି ସ୍ୱୟଂ ଶ୍ରୀକୃଷ୍ଣ କହିଲେ ବାସ୍ତବିକ କର୍ଣ୍ଣ ହିଁ ପ୍ରକୃତ ବୀର ପୁରୁଷ । ସେ ରଥକୁ ସାତ ପାହୁଣ୍ଡ ଘୁଞ୍ଚାଇ ଦେଲେ । କିନ୍ତୁ ଅର୍ଜ୍ଜୁନ ଏକଥା ବୁଝିପାରିଲେ ନାହିଁ, ସଂଶୟ ମୋଚନ ପାଇଁ ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ ‘ସଖା - ବାସୁଦେବ ଆପଣଙ୍କ ମୁହଁରେ ଏପରି ପକ୍ଷପାତିତା କାହିଁକି ? ମୋ ପ୍ରେରିତ ବାଣରେ କର୍ଣ୍ଣର ରଥ ସାତକୋଶ ଦୂରକୁ ଘୁଞ୍ଚିଯିବା ବଡ଼ କଥା ହେଲାନାହିଁ । ଅଥଚ କର୍ଣ୍ଣର ବାଣରେ ମୋ ରଥ ସାତ ପାହୁଣ୍ଡ ଘୁଞ୍ଚିଯାଇଥିବା ଲାଗି କର୍ଣ୍ଣ ହେଲା ମହାବୀର, ଆଉ ପ୍ରବଳ ପରାକ୍ରମୀ ? ଆପଣ ବାର ବାର କର୍ଣ୍ଣର ପ୍ରଶଂସା ମୋ ଆଗରେ କରି ମତେ ଲଜ୍ୟା ଓ ଅପମାନିତ କରୁଛନ୍ତି କାହିଁକି ? ମାୟାଧର ଶ୍ରୀକୃଷ୍ଣ ସ୍ମିତହାସ୍ୟ ବଦନରେ ଅର୍ଜ୍ଜୁନଙ୍କୁ ଉତ୍ତର ଦେଲେ - ହେ ପାର୍ଥ ତୁମ ରଥରେ ତୁମେ କେବଳ ଏକା ନୁହଁ ତୁମ ସହିତ ରହିଛନ୍ତି ମହାବୀର ହନୁମାନ ଏବଂ ମୁଁ ବାସୁଦେବ ଶ୍ରୀକୃଷ୍ଣ । ଏକଥା ଅକାଟ୍ୟ ସତ୍ୟ ଏହାକି ଆମେ ଦୁହେଁ ନଥିଲେ ତୁମ ରଥର ଅସ୍ତିତ୍ୱ ନଥାନ୍ତା । ବରଂ ଆମେ ଦୁହେଁ ରଥରେ ଥାଇ ମଧ ଯିଏ ଏହି ରଥକୁ ସାତ ପାହୁଣ୍ଡ ଘୁଞ୍ଚାଇ ଦେଇପାରିଛି ସେ କମ୍‌ବୀର ନୁହେଁ । ଏକଥାକୁ ବିଚାରକୁ ନେଇ ଜାଣିରଖ ଆମକୁ ବିନ୍ଦୁ ମାତ୍ର ଟହଲାଇ ଦେବା ପାଇଁ ଏ ସଂସାରରେ କେଉଁ ପୁଅ ଜନ୍ମ ହୋଇନାହିଁ । ସାତପାହୁଣ୍ଡ କିଛି କମ୍ ଦୂରତ୍ୱ ନୁହେଁ । ମହାବୀର ନ ହେଲେ କେହି ଏତେ ବଡ଼ ଶକ୍ତିଶାଳୀ ବାସୁଦେବ ଓ ମହାବୀର ହନୁମାନ ବିରାଜିତ ରଥକୁ ସାମାନ୍ୟ ଘୁଞ୍ଚାଇବା ଅତ୍ୟନ୍ତ କଷ୍ଟସାଧ । ଏକଥା ଶୁଣିବା ପରେ ଅର୍ଜ୍ଜୁନଙ୍କ ମନରେ ଯେପରି କାଳିମା ଘେରିଗଲା ଏବଂ ସେ ନିଜକୁ ଶକ୍ତିହୀନ ମନେକଲେ । ସେ ବୁଝିପାରିଲେ ଯେ, ଯାହା ସବୁ ଘଟିଯାଇଛି ତାହାର ନାୟକ ହେଉଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ । ମହାଭାରତ ଯୁଦ୍ଧର ଶେଷଦିନ ଅର୍ଜ୍ଜୁନଙ୍କୁ ବହୁତ ପ୍ରଭାପବିତ କଲା । ପ୍ରତିଦିନ ଯୁଦ୍ଧ ଶେଷରେ ଯେତେବେଳେ ସେ ଶିବିରକୁ ଲେଉଟି ଆସନ୍ତି ରଥରୁ ପ୍ରଥମେ ଅବତାରଣ କରନ୍ତି ସାରଥି ଶ୍ରୀକୃଷ୍ଣ । ସାରଥିର ଧର୍ମାନୁସାରେ ସେ ଅର୍ଜ୍ଜୁନଙ୍କୁ ରଥରୁ ଓହ୍ଲାଇ ଆଣନ୍ତି । ଶେଷଦିନର ଯୁଦ୍ଧ । ସେ ଦିନ ଶ୍ରୀକୃଷ୍ଣ କହିଲେ ‘ଅର୍ଜ୍ଜୁନ, ତୁମେ ପ୍ରଥମେ ରଥରୁ ଓହ୍ଲାଇ କିଛିବାଟ ଦୂରକୁ ଚାଲିଯାଅ । ଅର୍ଜ୍ଜୁନ ରଥରୁ ଓହ୍ଲାଇ କିଛିବାଟ ଚାଲିଗଲା ପରେ ଭଗବାନ ଶ୍ରୀକୃଷ୍ଣ ରଥରୁ ଓହ୍ଲାଇଲେ । ବାସୁଦେବ ରଥରୁ ଅବତରଣ କରିବା ମାତ୍ରେ ଘୋଡ଼ାମାନଙ୍କ ସହିତ ରଥଟି ଜଳି ଭସ୍ମୀଭୂତ ହୋଇଗଲା । ଏହା ଦେଖି ଅର୍ଜ୍ଜୁନ ଆଶ୍ଚର୍ଯ୍ୟ ହୋଇଗଲେ। ଶ୍ରୀକୃଷ୍ଣ ବୁଝାଇ କହିଲେ, ଆଶ୍ଚର୍ଯ୍ୟ ହୁଅନାହିଁ ସଖା । ତୁମ ରଥ କେତେଦିନ ପୂର୍ବରୁ ଭସ୍ମୀଭୂତ ହୋଇସାରିଛି । ମହାରଥୀ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କର୍ଣ୍ଣ ଏମାନଙ୍କ ବାଣର ଶକ୍ତିରେ ଏହା କେତେ ଦିନରୁ ନଷ୍ଟ ହୋଇସାରିଛି । ସ୍ରଷ୍ଟାଙ୍କ ସଂକଳ୍ପ ଏହି ରଥକୁ ଯୁଦ୍ଧର ଶେଷ ପର୍ଯ୍ୟନ୍ତ ବଞ୍ଚାଇ ରଖିପାରିଥିଲା । ଅର୍ଜ୍ଜୁନ ଏଥର ଦୁଇ ହାତଯୋଡ଼ି କହିଲେ ଭଗବାନ ହିଁ ସବୁକିଛି, ସେ ନିମିତ୍ତ ମାତ୍ର । ଯୁଗଜନ୍ମା ଶ୍ରୀକୃଷ୍ଣଙ୍କର ଜନ୍ମ ଭାଦ୍ରବମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ହୋଇଥିଲା, ଯାହାକି ଜନ୍ମାଷ୍ଟମୀ ନାମରେ ନାମିତ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


## ଅଙ୍କ ମଣିଷ

### ଅଲେଖ ଚନ୍ଦ୍ର ସାମଲ

ଆଜିର ମଣିଷ ଅହଂ ରୂପକ କାରାଗାର ମଧ୍ୟରେ ବନ୍ଦୀ। ଜ୍ଞାନହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ସବୁଠାରୁ ଜ୍ଞାନୀ ମନେକରେ। ପରିବେଶ ଏବଂ ପରିସ୍ଥିତିରୁ କିଛି ଶିଖେନାହିଁ। ପରିଣାମ ସ୍ୱରୂପ ବିଶ୍ୱ ରସାତଳଗାମୀ ହେବାରେ ଲାଗିଛି। କାହାଣୀଟିଏ ଶୁଣିବା ହେଉ। ବଣରେ ରହୁଥିଲେ ଗୋଟିଏ କାଠହଣା ଦମ୍ପତି। ପୁରୁଷ କାଠହଣା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ଥିଲା। ତେବେ ମାଈ କାଠହଣା ଥିଲା ଉଚ୍ଚାଭିଳାଷିଣୀ। ଦିନେ ସେ ନିଜର ପୁରୁଷକୁ କହିଲା, ଆହେ ଶୁଣୁଛ, ଏହି ଜଙ୍ଗଲର ବୃକ୍ଷ କଣା କରି କରି ବିରକ୍ତ ଲାଗିଲାଣି। ଚଞ୍ଚୁ ଦୈନିକ ଏକ ପ୍ରକାରର ସ୍ୱାଦ ଆସ୍ୱାଦନ କରୁଛି। ଅନ୍ୟ ଜଙ୍ଗଲର ସନ୍ଧାନ ନିଅ। ପୁରୁଷ କାଠହଣାର ଦୂରକୁ ଯିବା ପାଇଁ ଇଚ୍ଛା ନଥିଲା। ସେ କହିଲା, ମୁଁ ଶୁଣିଛି, କୋଶେ ବାଟ ଦୂରରେ ଥିବା ଜଙ୍ଗଲର କାଠ ଭାରି ଟାଣ। ଚଞ୍ଚୁ ଭାଙ୍ଗିଯାଇପାରେ। ମାଈ କାଠହଣା ଜିଗର କରି କହିଲା, ନ ଗଲେ ଜାଣିବ କିପରି ? ଉଦ୍ୟମ ନକଲେ ବୁଝିବ କିପରି ? ପ୍ରାଣପ୍ରିୟା ପତ୍ନୀର କଥା ଭାଙ୍ଗି ନପାରି କାଠହଣା ବାହାରିଲା। ପାଖ ଜଙ୍ଗଲରେ ପହଞ୍ଚିବା ବେଳକୁ ବର୍ଷା ଆସିଲା। ଦୈବକୁ କାଠହଣା ବସିଥିବା ଗଛ ଉପରେ ବଜ୍ର ପଡ଼ିଲା। ଠିକ୍ ସେହି ମୁହୂର୍ତ୍ତରେ ଚଞ୍ଚୁ ଦ୍ୱାରା ଗଛ ଉପରେ ପ୍ରଥମ ଆଘାତ ବସାଇଥାଏ କାଠହଣା। ବଜ୍ର ପ୍ରଭାବରେ ଭୂତଳଶାୟୀ ହେଲା ଗଛ। କାଠହଣା ବାପୁଡ଼ା ବୁଝିଲା, ତାହା ସମ୍ଭବ ହୋଇଛି ତା ଚଞ୍ଚୁର ଆଘାତ ଯୋଗୁଁ। ସେ ପୁଲକିତ ହୋଇ ସୁଖବର ଶୁଣାଇବା ପାଇଁ ଚାଲିଲା ସ୍ତ୍ରୀ ପାଖକୁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - ‘ଅନେକ ମଣିଷଙ୍କ ଅବସ୍ଥା ସେହି ଅଙ୍କ କାଠହଣା ପରି। ନିଜ ଭିତରେ ମଣିଷ ହଜିଯାଇଛି। ବାହାର କଥା ଦେଖିବାକୁ ଏବଂ ବୁଝିବାକୁ ସାମର୍ଥ୍ୟ ହରାଇସାରିଛି। ଆଉ ଅହଂମୁକ୍ତ ନ ହେଲେ, ଅଜ୍ଞାନ ଅନ୍ଧକାର ମଧ୍ୟରୁ ନ ବାହାରିଲେ ପତନ ଅବଶ୍ୟମ୍ଭାବୀ।’


ପୂର୍ବତନ ଡିଏଫ୍‌ଓ , ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩
E-mail : alekha007samal@gmail.com


## ବିଶ୍ୱତ୍ରାଣ ସତ୍ୟସାଇ

### ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ ‘ମାନବ ସେବା ହିଁ ମାଧବ ସେବା’କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ’ଣ ତାହା ମଧ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।


ସମ୍ପାଦକ, ‘ଶ୍ରୀ ସତ୍ୟସାଇ ବାଳବିକାଶ’ ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

## କୋବି ପରଟା



ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।

### ଖବର

## ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ । ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ । ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

## ସୁନ୍ଦର ତ୍ୱଚା ପାଇଁ ଲେମ୍ବୁ ରସର ଉପକାରିତା




ଏକ ପାତ୍ରରେ ଲେମ୍ବୁ ରସ, ଅଙ୍ଗୁର ରସ, ସେଓ ରସ, ଆଖୁ ରସ ମିଶାଇ ଦିଅନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୫ ମିନିଟ ମାଲିସ କରନ୍ତୁ। ୧୫ ମିନିଟ ପରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ରଙ୍ଗ ଗୋରା ହୋଇଥାଏ।

ଏକ ପାତ୍ରରେ ୧ ଚାମଚ ଲେମ୍ବୁ ରସ, ୨ ଚାମଚ ଓଟସ, ୧ ଚାମଚ କ୍ଷୀର ଅଳ୍ପ ଗୋଲାପ ଜଳ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇ ୫ ମିନିଟ ମାଲିସ କରନ୍ତୁ। କିଛି ପରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ଖୁବ କୋମଳ ଓ ଗୋରା କରିଥାଏ।

-ନଡ଼ିଆ ତେଲ କେଶ ଓ ତ୍ୱଚା ପାଇଁ ବେଶ ଲାଭଦାୟକ। ଏକ ପାତ୍ରରେ ୩ ଚାମଚ ନଡ଼ିଆ ତେଲରେ, ୧ ଚାମଚ ଲେମ୍ବୁ ରସ ମିଶାଇ ଦିଅନ୍ତୁ। ସ୍ନାନ କରିବା ପୂର୍ବରୁ ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ ରଖନ୍ତୁ୍ୟ ଏହାପରେ ସ୍ନାନ କରନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାର ଚମକ ବୃଦ୍ଧି ହେବା ସହ କଳାପଣ ଦୂର ହୋଇଥାଏ।

-ଭିଟାମିନ - ଇ ତେଲ, ଗ୍ଲିସରିନ କିମ୍ବା ଭେସଲିନକୁ ମିଶାଇ ମୁହଁରେ ଓ ସମ୍ଭବତଃ ବେକରେ, ହାତରେ, ଗୋଡ଼ରେ ସ୍ନାନ କରିବା ପୂର୍ବରୁ ଭଲ ଭାବେ ମାଲିସ କରନ୍ତୁ। ମାଲିସ କରିବା ପରେ ୧୫ ରୁ ୨୦ ମିନିଟ ପରେ ସ୍ନାନ କରନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ଖୁବ ଉଜ୍ଜ୍ୱଳ ଓ କୋମଳ ହୋଇଥାଏ। ଶୁଷ୍କପଣ ଦୂର ହୋଇଥାଏ।

## ଐଶାନ୍ୟରେ ଶ୍ରୀଗଣେଶ ମୂର୍ତ୍ତି ଶୁଭଦାୟକ



ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ । ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ୍ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ୱ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର- ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ ।

ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ୍ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ ।

ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ୍ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧି ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ(କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ

## ଗାଈଙ୍କୁ ରୁଟି , ପିମ୍ପୁଡ଼ିକୁ ଅଟା ଦିଅନ୍ତୁ

**ସକାଳୁ ପ୍ରତିଦିନ ନିଜ ହାତର ପାପୁଲି ଦେଖନ୍ତୁ :**
ପ୍ରତିଦିନ ସକାଳୁ ଉଠିବା ମାତ୍ରେ ନିଜ ହସ୍ତର ପାପୁଲିକୁ ଦେଖି ଏହାକୁ ନିଜ ମୁହଁରେ ଲଗାନ୍ତୁଫ ପୌରାଣିକ ମାନ୍ୟତା ଅନୁଯାୟୀ, ପାପୁଲିର ଅଗ୍ର ଭାଗ ମା'ଲକ୍ଷ୍ମୀ, ମଧ୍ୟ ଭାଗରେ ମା'ସରସ୍ୱତୀ, ପାପୁଲିର ଶେଷ ଭାଗ ଭଗବାନ ବିଷ୍ଣୁଙ୍କ ସ୍ଥାନ। ତେଣୁ ସକାଳେ ପ୍ରଥମେ ନିଜ ପାପୁଲି ଦର୍ଶନ କରିବା ଶୁଭ।

**ପ୍ରଥମ ରୁଟି ଗାଈଙ୍କୁ ଖୁଆନ୍ତୁ :**
ଭୋଜନ ପାଇଁ ପ୍ରସ୍ତୁତ ହୋଇଥିବା ରୁଟିରୁ ପ୍ରଥମ ରୁଟି ଗାଈଙ୍କୁ ଖୁଆନ୍ତୁ। ଗାଈଙ୍କ ଶରୀରରେ ଦେବାଦେବୀ ବାସ କରିଥାଆନ୍ତି ଓ ଗାଈଙ୍କୁ ଖୁଆଇଲେ ଭଗବାନ ଖୁବ ପ୍ରସନ୍ନ ହୋଇଥାଆନ୍ତି। ଏହାସହ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

**ପିମ୍ପୁଡ଼ିକୁ ଅଟା ଦିଅନ୍ତୁ :**
ଚିନି ମିଶିଥିବା ଅଟା ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ଏହା ଏକ ପୁଣ୍ୟ କାମ ଓ ଏପରି କରିବା ଦ୍ୱାରା ଭଗବାନଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି।


**ଦେବତାଙ୍କୁ ଫୁଲ ଅର୍ପଣ କରନ୍ତୁ:**
ଗୃହରେ ଥିବା ଭଗବାନଙ୍କୁ ନିୟମିତ ପୂଜାର୍ଚ୍ଚନା କରି ଫୁଲ ଅର୍ପଣ କରନ୍ତୁ୍ୟ ଭକ୍ତିର ଭାବ ସହ ଫୁଲ ଅର୍ପଣ କଲେ ଜୀବନର ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ।

**ସକାଳେ ଝାଡୁ କରନ୍ତୁ :**
ଘରକୁ ସଭିଏଁ ସଫାସୁତୁରା କରିଥାଆନ୍ତି। ମାତ୍ର ଏହି କାର୍ଯ୍ୟକୁ ସକାଳ ସମୟରେ କରିବା ନିତ୍ୟାନ୍ତ ଆବଶ୍ୟକ। ପ୍ରତିଦିନ ସକାଳେ ଘରକୁ ଝାଡୁ କରିବା , ପୋଛିବା ଦ୍ୱାରା ଘରେ ମା'ଲକ୍ଷ୍ମୀଙ୍କ ବାସ ହୋଇଥାଏ।

**ମାଛ ମାନଙ୍କୁ ଖାଦ୍ୟ ଦିଅନ୍ତୁ:**
ଯଦି ଆପଣଙ୍କ ଘର ନିକଟରେ କୌଣସି ପୋଖରୀ, ନଦୀ ରହିଛି ତେବେ ସେଠାକୁ ଯାଇ କିଛି ଅଟା ଗୁଳା ପକାନ୍ତୁ। ମାଛ ମାନେ ତାହାକୁ ଖାଇଲେ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି।

**ମାତା ପିତାଙ୍କ ଆଶୀର୍ବାଦ ନିଅନ୍ତୁ:**
ଘରୁ ବାହାରକୁ ଯିବା ସମୟରେ ପ୍ରତିଦିନ ମାତା ପିତା ଓ ଗୁରୁଜନଙ୍କୁ ପାଦଛୁଇଁ ମୁଣ୍ଡିଆ ମାରନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ଥିବା ବାଧା ଦୂର ହୋଇଥାଏ।

**ଅଶ୍ୱ□ ବୃକ୍ଷ ନିକଟରେ ଜଳ ଅର୍ପଣ କରନ୍ତୁ:**
ପ୍ରତିଦିନ ସକାଳେ ସ୍ନାନ କରିବା ପରେ ଅଶ୍ୱ□ ବୃକ୍ଷ ନିକଟରେ ଜଳ ଅର୍ପଣ କରନ୍ତୁ। ଏପରି କରିବା ଦ୍ୱାରା ଖୁବ ଶୁଭଫଳ ପ୍ରାପ୍ତି ହୋଇଥାଏ।ଘରେ ଥିବା



ଗୁରୁଜନଙ୍କର ନିୟମିତ ସେବା କରନ୍ତୁ। ତାଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତୁ।ଘରର ବୈଠକ କକ୍ଷରେ ଭଗବାନ ବିଷ୍ଣୁ କିମ୍ବା ପ୍ରଭୁ ଶ୍ରୀକୃଷ୍ଣଙ୍କ ଫଟୋ ନିଶ୍ଚୟ ଲଗାନ୍ତୁ। ଏପରି କରିବା ଦ୍ୱାରା ସଦସ୍ୟଙ୍କ ମଧ୍ୟରେ ସ୍ନେହର ସମ୍ପର୍କ ସର୍ବଦା ରହିଥାଏ।ପରଦା ସଦୃଶ ଶଙ୍ଖ କିମ୍ବା ଶାମୁକାରେ ନିର୍ମିତ ହୋଇଥିବା ପରଦା ଲଗାନ୍ତୁ। ଏପରି କରିବା ଦ୍ୱାରା ପାରିବାରିକ ମତଭେଦ ଦୂର ହୋଇଥାଏ।ଅଦରକାରୀ ବସ୍ତୁ ଘରେ ରଖନ୍ତୁ ନାହିଁ।ଖଟ ତଳେ କୌଣସି ଅନାବଶ୍ୟକ ବସ୍ତୁ ରଖନ୍ତୁ ନାହିଁ।ଘରର ପ୍ରତ୍ୟେକ କକ୍ଷରେ ଫିଟକରି ଖଣ୍ଡ ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ରହିବା ସହ ବାସ୍ତୁ ଦୋଷ ଦୂର ହୋଇଥାଏ। ଗେଣ୍ଡୁ ଫୁଲରେ ସିନ୍ଦୂର ଲଗାଇ ମା'ବୃନ୍ଦାବତୀଙ୍କୁ ଅର୍ପଣ କରନ୍ତୁ। ଏପରି କରିବା ଦ୍ୱାରା ପରିବାର ମଧ୍ୟରେ ସୁଖଶାନ୍ତିର ବାତାବରଣ ନିଶ୍ଚୟ ରହିଥାଏ।ନିୟମିତ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କୁ ପୂଜାର୍ଚ୍ଚନା କରନ୍ତୁ। ପତିପତ୍ନୀ ଏକତ୍ରିତ ଯେକୌଣସି ବ୍ରତ ପାଳନ କରନ୍ତୁ। ରୁଟି ପ୍ରସ୍ତୁତ କରିବା ପରେ ପ୍ରଥମ ରୁଟି ଗାଈ ଓ ଶେଷ ରୁଟି କୁକୁର ପାଇଁ ରଖନ୍ତୁ।ବହୁ ସମୟରେ ଏପରି ଦେଖାଯାଏ , ଦୀର୍ଘ ସମୟ ଧରି ରୋଗ ଲାଗି ରହିଥାଏ। ଅଧିକାଂଶ ଟଙ୍କାପଇସା ରୋଗରେ ହିଁ ଖର୍ଚ୍ଚ ହୋଇଥାଏ। ମାତ୍ର କେତେକ ସହଜ ବାସ୍ତୁ ଉପାୟ ଦ୍ୱାରା ବାରମ୍ବାର ରୋଗଗ୍ରସ୍ତ ହେଉଥିବା ସମସ୍ୟାରୁ ମୁକ୍ତି ମିଳିପାରିବ୍ୟ ଜାଣନ୍ତୁ...

ବାରମ୍ବାର ରୋଗଗ୍ରସ୍ତ ହେଉଥିବା ବ୍ୟକ୍ତିମାନେ ସର୍ବଦା ଘରର ଭିତରପଟକୁ ଗୋଡ଼ କରି ଶୁଅନ୍ତୁ। ମାତ୍ର କକ୍ଷର ଝରକା, କବାଟ, ଶୌଚାଳୟ ,ସିଢି ଘର ପଟକୁ ଗୋଡ଼ କରି ଶୁଅନ୍ତୁ ନାହିଁ।ପଲଙ୍କକୁ ଘରର ଭିତର ଖୁମ୍ବ ସିଧାରେ ରଖନ୍ତୁ ନାହିଁ। ରୋଗଗ୍ରସ୍ତ ହେଉଥିବା ବ୍ୟକ୍ତି ଯଦି ଗୋଟିଏ କକ୍ଷରେ ରହିଲେ । ତେବେ ଘରର କକ୍ଷ (ରୁମ୍ ) ପରିବର୍ତ୍ତନ କରନ୍ତୁ। ଘରର ପ୍ରବେଶ ଦ୍ୱାର ନିକଟରେ କୌଣସି ଭାରୀ ଦ୍ରବ୍ୟ ରଖନ୍ତୁ ନାହିଁ। ଘରର ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଦିଗରେ ଯେପରି ପ୍ରଚୁର ସୂର୍ଯ୍ୟାଲୋକ ଓ ପବନ ଯାତାୟତ କରୁଥିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଶୌଚାଳୟ ନିକଟରେ ଭଣ୍ଡାର ଗୃହ ରଖନ୍ତୁ ନାହିଁ। ଘରେ ଅନାବଶ୍ୟକ ଦ୍ରବ୍ୟ ରଖନ୍ତୁ ନାହିଁ। ନିୟମିତ ଘରର ପୋଛିବା ପାଇଁ ବ୍ୟବହୃତ ପାଣିରେ ଲୁଣ ପକାଇ ଘର ପୋଛନ୍ତୁ।

## ମହାଦେବଙ୍କ ବରଦାନ

ଆଲୋ ଭେରା ବା ଘିକୁଆଁରି କେବଳ ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ ।



ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

